**ଭାଲିଆମୁଣ୍ଡାରେ ନୂଆଁଖାଇର ଭିନ୍ନ ପରମ୍ପରା**

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲିଆମୁଣ୍ଡା ଗ୍ରାମରେ ନୂଆଁଖାଇର ଭିନ୍ନ ପରମ୍ପରା ଦେଖିବାକୁ ମିଳିଥିଲା। ବଳଦେବ ଠାକରଙ୍କୁ ଲାଗି ପରେ ପ୍ରତିଘରେ ନବାନ୍ନ ପହଞ୍ଚିଥିଲା। ଘରର ଇଷ୍ଟଦେବୀଙ୍କୁ ଏହା ଲାଗି ପରେ ନୂଆକୁଣ୍ଡା ପ୍ରସାଦ ସେବନ ହୋଇଥିବା ଗ୍ରାମବାସୀ କହିଛନ୍ତି। ଭାଲିଆମୁଣ୍ଡା ଗାଁରେ ୬୦ ପରିବାର ବାସ କରନ୍ତି। ଗାଁ ମଝିରେ ବଳଦେବ ଠାକୁରଙ୍କ ମନ୍ଦିର ରହିଛି। ନୂଆଁଖାଇ ଦିନ ପ୍ରତ୍ୟେକ ଘରୁ ମନ୍ଦିରକୁ ଅରୁଆ ଚାଉଳ, ଫଳମୂଳ(ଅଡିଆ)ଯିଏ ଯାହା ଭକ୍ତିରେ ଆଣି ଦେଇଥାନ୍ତି। ବୁଧବାର ମନ୍ଦିର ପୂଜକ ଦୟାନିଧି ମିଶ୍ର ସକାଳ ସାଢେ ୭ଟାରେ ମହାପ୍ରଭୁଙ୍କୁ ନୂଆକୁଣ୍ଡା ଲାଗି କରିଥିଲେ।




ଶିରାବାହାଲରେ କନିଷ୍ଠମାନେ ବୟୋଜ୍ୟେଷ୍ଠଙ୍କଠାରୁ ଆଶୀର୍ବାଦ ନେଉଛନ୍ତି।


ଶିରାବାହାଲ ଗ୍ରାମବାସୀ ସାମୂହିକ ଭୋଜନ କରୁଛନ୍ତି।

# ୧୬ବର୍ଷ ହେଲା ବଜାୟ ରହିଛି ପରମ୍ପରା

**ନୂଆଁଖାଇରେ ଶିରାବାହାଲବାସୀ ଏକାଠି ଖାଇଲେ**

ବଲାଙ୍ଗୀର ଅଫିସ,୨୦।୯(ବୀରେନ୍ଦ୍ର ଝାଙ୍କର)

ଯେଉଁ ମହାନ ଉଦ୍ଦେଶ୍ୟ ନେଇ ନୂଆଁଖାଇ ତିହାରର ପରିକଳ୍ପନା କରାଯାଇଥିଲା ତାକୁ ସାକାର ରୂପ ଦେଉଛନ୍ତି ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ମହୀମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଶିରାବାହାଲ ଗ୍ରାମବାସୀ। ଗତ ୧୬ବର୍ଷ ହେଲା ଏହି ଗ୍ରାମବାସୀ ଜାତିପ୍ରଥାର ଘୃଣ୍ୟ ପରମ୍ପରାକୁ ପଛରେ ପକାଇ ନୂଆଁଖାଇ ଦିନ ସମାଜବାଦ ଓ ମାନବବାଦର ମହାନ ବାର୍ତ୍ତା ଦେଇଆସୁଛନ୍ତି। ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟର ବହୁ ଉର୍ଦ୍ଧ୍ୱକୁ ଉଠି ଏହି ଗ୍ରାମବାସୀ ସାମୂହିକ ନୂଆଁଖାଇ ପାଳନ କରି ତିହାରର ଅସଲ ବାର୍ତ୍ତା ଦେବାରେ ସଫଳ ହୋଇଛନ୍ତି। ଶିରାବାହାଲର ଏହି ସାମୂହିକ ନୂଆଁଖାଇରୁ ଏବେ ଆଖପାଖ ଅଞ୍ଚଳର ଲୋକେ ପ୍ରେରଣା ନେଉଛନ୍ତି ।

୧୬ ବର୍ଷ ତଳେ ଏହି ଗାଁର ଲୋକେ ଏକାଠି ହୋଇ ଭାଗବତ ପରାୟଣ ସପ୍ତାହ ପାଳନ କରିଥିଲେ।ଏହି ଅବସରରେ ୭ ଦିନ ଧରି ସମସ୍ତ ପରିବାର ଏକାଠି ମିଶି ଅନ୍ନ ପ୍ରସାଦ ସେବନ କରିଥିଲେ। ସେହି ବର୍ଷ ନୂଆଁଖାଇ ପାଳନ କରିବା ପାଇଁ ଶିରାବାହାଲ ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କ ପରାମର୍ଶକ୍ରମେ ଗ୍ରାମବାସୀ ସାମୂହିକ ନୂଆଁଖାଇ ପାଇଁ ସିଦ୍ଧାନ୍ତ ନେଇଥିଲେ। ସେହିଦିନୁ ଗାଁରେ ଥିବା ବିଭିନ୍ନ ଜାତି ଓ ଧର୍ମର ଲୋକେ ଗାଁ ମଝି ରାସ୍ତାରେ ବସି ନୂଆଁ ଖାଇ ଆସୁଛନ୍ତି। ଚଳିତବର୍ଷ ମଧ୍ୟ ନୂଆଁଖାଇ ମାସକ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଗାଁ ମଧ୍ୟଭାଗରେ ଥିବା ଭାଗବତ ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ବୈଠକରେ ନୂଆଁଖାଇ ଲଗ୍ନ ସ୍ଥିର କରାଯିବା ସହ ପ୍ରତ୍ୟେକ ପରିବାର ପିଛା କେତେ ସହଯୋଗ ରାଶି ଦେବେ ତାହା ନିରୂପିତ ହୋଇଥିଲା। ନୂଆଁଖାଇର ୭/୮ ଦିନ ପୂର୍ବରୁ ଆଉ ଏକ ବୈଠକରେ ବୃତ୍ତାନ୍ତ କରାଯାଇଥିଲା। ବୁଧବାର ସକାଳେ ବିଧିମତେ ଲଗ୍ନ ଅନୁଯାୟୀ ଗାଁର ଝାଙ୍କର ଗ୍ରାମଦେବୀ କନ୍ଧେନବୁଢୀ ପାଖରେ ନବାନ୍ନ ଅର୍ପଣ କରିଥିଲେ। ଏହାପରେ ଭାଗବତ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀ ଏକତ୍ରିତ ହୋଇ ଧାଡିରେ ବସିଥିଲେ। ଗ୍ରାମଦେବୀଙ୍କ ପାଖରେ ନବାନ୍ନ ଅର୍ପଣ ଗ୍ରାମବାସୀଙ୍କୁ ପ୍ରସାଦ ଆକାରରେ ବଣ୍ଟା ଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଭୋଜିଭାତର ଆସର। ଅପରାହ୍ଣରେ ନୂଆଁଖାଇ ଜୁହାର ଓ ଭେଟଘାଟ ଆରମ୍ଭ ହୋଇଥିଲା। ଆଧ୍ୟାତ୍ମିକ ପରିବେଶ ଭିତରେ ଗ୍ରାମବାସୀ ନୂଆଁଖାଇର ଅସଲ ଉଦ୍ଦେଶ୍ୟକୁ ବୁଝି ଏହି ପରମ୍ପରାକୁ ଶହଶହ ବର୍ଷ ଧରି ବଜାୟ ରଖିବା ଉପରେ ଜୋର ଦେଇଥିଲେ।

# ସାର୍ବଜନୀନ ନୂଆଁଖାଇ, ବିଭିନ୍ନ ପ୍ରତିଯୋଗିତା

ସଇଁତଲା,୨୦।୯(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଲା ହାଟପଦାସ୍ଥିତ ଦୁର୍ଗାପୂଜା ମଣ୍ଡପରେ ସାର୍ବଜନୀନ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଥିଲା। ବିବେକାନନ୍ଦ ପାଠାଗାର ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁବ୍ରତ ନାଗ, କବି ସୁବାଷ ରଥ, ଶ୍ରୀକିଶନ ଅଗ୍ରୱାଲ, ମଦନଲାଲ ଅଗ୍ରୱାଲ, ଆଇନଜୀବୀ ସୁବୋଧ ମିଶ୍ର, ପାଠାଗାରର ସଭାପତି ଭୀମସେନ ସ୍ୱାଇଁ ଏବଂ ମୁଖ୍ୟବକ୍ତାଭାବେ ବିଜୟ ରଥ ଯୋଗ ଦେଇଥିଲେ। କବି ପ୍ରମୋଦ ବୈଠାରୁ ଓ ରଜତ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଏହି ଅବସରରେ କବିତା ଆସର, ନୃତ୍ୟ ପରିବେଷଣ ହୋଇଥିଲା । ସଭା ପୂର୍ବରୁ ହାଟପଦା ଓ ରମେଶ ଚନ୍ଦ୍ର ସିଂ ଭୋଇ ମିନି ଷ୍ଟାଡ଼ିୟମଠାରେ ସ୍ଥାନୀୟ ଯୁବପିଢ଼ି ଓ ଛାତ୍ରୀଛାତ୍ରଙ୍କୁ ନେଇ ମ୍ୟୁଜିକ ଚେୟାର, ମାଠିଆ ଭଙ୍ଗା, ଧରାନୀ ଗୁଡ୍ଡୁ, ବସ୍ତା ଦୌଡ଼, ପୁଚି ଖେଳ, ନଡ଼ିଆ ଭଙ୍ଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସବୁ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ଚାଷୀଭାବେ ଝାଙ୍କରମୁଣ୍ଡାର ହରିବନ୍ଧୁ କୁଅଁରଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନାରାୟଣ ଜାଲ ପରିଚାଳନା କରିଥିଲେ। ସେହିପରି କେରମେଲି ପଞ୍ଚାୟତ ଅନ୍ତର୍ଗତ ଲାଟୁଟଠାରେ ଗଉନ୍ତିଆ ପ୍ରସନ୍ନ ଭୋଇଙ୍କ ଅଧ୍ୟକ୍ଷତାରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାକୁ ଘାସିରାମ ସାହୁ ଓ ଫଗନୁ ସାହୁ ପରିଚାଳନା କରିଥିଲେ।



ନୂଆଁଖାଇ ପାଳନ ସଭାରେ ମଞ୍ଚାସୀନ ଅତିଥିଗଣ।

# ଆକର୍ଷଣ ସାଜିଲା ବିଭିନ୍ନ ପ୍ରତିଯୋଗିତା


ଜରାସିଂହା ବାବୁପଡାରେ ନୂଆଁଖାଇ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅବସରରେ କର୍ମକର୍ତ୍ତା ଓ ପ୍ରତିଯୋଗୀ।

**ପାଳିତ ହେଲା ନୂଆଁଖାଇ**

ଦେଓଗାଁ,୨୦।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ବୁଧବାର ପାଳିତ ହୋଇଛି କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ। ପାରମ୍ପରିକ ରୀତିନୀତି ଅନୁସାରେ ଇଷ୍ଟଦେବୀଙ୍କଠାରେ ନୂଆଁଚୂଡ଼ା ଅର୍ପଣ ପରେ ସମସ୍ତଙ୍କ ଘରେ ନବାନ୍ନ ଭକ୍ଷଣ କରି ନୂଆଁଖାଇ ପାଳନ କରିଥିଲେ। ପରେ ଛୋଟମାନେ ବଡମାନଙ୍କୁ ଜୁହାର ଭେଟ ହୋଇ ଆଶୀର୍ବାଦ ନେଇଥିଲେ। ଅନେକ ଗାଁରେ ସନ୍ଧ୍ୟାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତନ୍ମଧ୍ୟରୁ ଜରାସିଂହା ବାବୁପଡା ଶାନ୍ତିନିବାସଠାରେ ଗଣେଷ ପୂଜା କମିଟି ଆନୁକୂଲ୍ୟରେ ନୂଆଁଖାଇ ଅବସରରେ ଛୋଟ ପିଲାଙ୍କୁ ନେଇ ମ୍ୟୁଜିକ ଚେୟାର, ସ୍ପୁନରେସ, ବାସ୍କେଟବଲ, ପୁଚି ଖେଳ, ବାଇଗଣ ରେସ, ଜିଲାପି ରେସ, ସ୍ଲୋ ସାଇକେଲ ରେସ , ବେଲୁନ ଫଟାଇବା ଆଦି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। ମ୍ୟୁଜିକ ଚେୟାର ବାଳିକା ଜୁନିୟର ବିଭାଗରେ ନିହାରିକା ପାତ୍ର ପ୍ରଥମ , ନବ୍ୟା ସିଂ ନାୟକ ଦ୍ୱିତୀୟ ଓ କାବ୍ୟା ସିଂ ନିନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ମ୍ୟୁଜିକ ଚେୟାର ବରିଷ୍ଠ ବାଳିକା ବିଭାଗରେ ଇଶା ମେହେର ପ୍ରଥମ, ନମ୍ରତା ପାତ୍ର ଦ୍ୱିତୀୟ, ନମିତା ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ମ୍ୟୁଜିକ ଚେୟାର ବାଳକ ଜୁନିୟର ବିଭାଗରେ ରାଜ ମେହେର ପ୍ରଥମ, ସ୍ୱାଧିନ ପରୁଆ ଦ୍ୱିତୀୟ, ଆହ୍ୱାନ ମେହେର ତୃତୀୟ ହୋଇଥିଲେ। ସ୍ପୁନ ରେସ ବରିଷ୍ଠ ବିଭାଗରେ ରେଶମା ମେହେର ପ୍ରଥମ, ଇଶା ମେହେର ଦ୍ୱିତୀୟ ଓ ଆଦ୍ୟାଶା ସିଂ ନିନା ତୃତୀୟ , ବାସ୍କେଟ ବଲରେ ନମ୍ରତା ପାତ୍ର ପ୍ରଥମ, ମାମୁନି ପାତ୍ର ଦ୍ୱିତୀୟ ଓ ସାଗରିକା ସିଂ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ କୈଳାସ କର୍ତ୍ତି, ସାନ୍ତନୁ ସିଂ ନିନା, ଶୁଭ୍ରାଂଶୁ ସିଂ, ହୃଷୀକେଷ ଭୋଇ, ଅଶୁଂମାନ କର୍ତ୍ତି, ଅଶୋକ ବିଶି, ଶୁଭରାଜ ସିଂ, ଲିଲୁ ପାତ୍ର ତଥା ଗଣେଷ ପୂଜା କମିଟି କର୍ମକର୍ତ୍ତା ସହେଯାଗ କରିଥିଲେ।

# ବର୍ଷାଯୋଗୁ ଫିକା ପଡିଲା ଜୁହାର ଭେଟ୍ କାର୍ଯ୍ୟକ୍ରମ

**ନୂଆଁଖାଇରେ ଆନନ୍ଦର ପରିବେଶ**

ଲୋଇସିଂହା,୨୦।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଉତ୍ସାହ ଓ ଉଦ୍ଦୀପନା ସହ ନୂଆଁଖାଇ ପାଳିତ ହୋଇଯାଇଛି । ଦେବାଦେବୀଙ୍କ ନିକଟରେ ଝାଙ୍କର ଓ ମନ୍ଦିର ପୂଜକ ଗୁଡି ତଥା ମନ୍ଦିରରେ ବିଧି ଅନୁସାରେ ନୂଆଁଖାଇ ଲଗ୍ନରେ ନୂଆଚୂଡ଼ା ଓ ନବାନ୍ନ ଲଗାଇଥିଲେ। ଏହାପରେ ଘରେ ଘରେ ନିଜ ଇଷ୍ଟଦେବୀଙ୍କୁ ପରିବାର ମୁଖ୍ୟ ପୂଜା କରି ନବାନ୍ନ ଲାଗି କରିଥିଲେ । ଏହାପରେ ଗୁହାଳ ଏବଂ କ୍ଷେତକୁ ଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ଫେରିଲା ପରେ ଘରର ସଦସ୍ୟମାନେ ଏକତ୍ରିତ ହୋଇ ପରିବାର ମୁଖ୍ୟଙ୍କଠାରୁ ପ୍ରସାଦ ଓ ଆର୍ଶୀବାଦ ନେଇଥିଲେ। ଏହାପରେ ନାନାଦି ପିଠାପଣା, କ୍ଷୀରି ଓ ବହୁବ୍ୟଞ୍ଜନ ପ୍ରସ୍ତୁତ ଖାଦ୍ୟକୁ ଏକାଠି ବସି ଖାଇଥିଲେ। ହେଲେ ଅପରାହ୍ଣ ୩ଟାରୁ ବର୍ଷା ଲାଗି ରହିଥିବାରୁ ଜୁହାର ଭେଟ କାର୍ଯ୍ୟକ୍ରମ ସାମାନ୍ୟ ଫିକା ପଡିଥିଲା ।

# ଜୁହାର ଭେଟ୍, ଜମିଲା ନାଚଗୀତ


ନୂଆଁଖାଇ ପାଇଁ ଲୁର୍କୀରେ ଅନୁଷ୍ଠିତ ରଙ୍ଗୋଲି ପ୍ରତିଯୋଗିତା।

ଗୁଡ଼ଭେଲା,୨୦।୯(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଓ ତୁଷୁରା ଏନଏସିର ବିଭିନ୍ନ ଗ୍ରାମରେ ବୁଧବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଇଷ୍ଟଦେବୀଙ୍କଠାରେ ନବାନ୍ନ ଅର୍ପଣ ପରେ ଛୋଟମାନେ ବଡଙ୍କ ପାଦଛୁଇଁ ଆଶୀର୍ବାଦ ନେଇଥିଲେ।ଏହାପରେ ନାଚଗୀତ ସହ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ନୂଆପଡା ଗ୍ରାମରେ ଅନୁଷ୍ଠିତ ଭୋଟ୍‌ଘାଟ ଉତ୍ସବରେ ପଶ୍ଚିମ ଓଡ଼ିଶା ସେବାସଂଘ ସଭାପତି ରାଜେଶ ବଗର୍ତ୍ତୀ, ବୃନ୍ଦାବନ ମେହେର, ଜୟଦେବ ପ୍ରଧାନ, ନବ ସାହୁ, ସୁବରଜା ପୁଟା ପ୍ରମୁଖ ସହଯୋଗ କରିଥିଲେ। ଲୁର୍କୀ ଗ୍ରାମରେ ଅନୁଷ୍ଠିତ ପ୍ରତିଯୋଗିତା ଆୟୋଜନରେ ଅଜୁ ପ୍ରଧାନ, ପଞ୍ଚାନନ ନାଏକ, ମୁକେଶ ପ୍ରଧାନ, ସୁନୀଲ ପ୍ରଧାନ, ରାଜୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଟାଣ୍ଡିଗାଁର ଚାଷୀ ଶିବ ଧରୁଆ ନିଜ କ୍ଷେତର ନୂଆଁ ଧାନ ପୂଜାପାଇଁ ଲୋକଙ୍କୁ ମାଗଣାରେ ଦେଇଥିଲେ।

# ଏକାଠି ଖାଇଲେ ନବେ ପରିବାର


ଡୁଡୁକିପଦର ଗ୍ରାମବାସୀ ଏକତ୍ର ଭୋଜନ କରୁଛନ୍ତି।

ଖପ୍ରାଖୋଲ, ୨୦।୯(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଅନ୍ତର୍ଗତ ଡୁଡୁକିପଦର ଗାଁରେ ନୂଆଁଖାଇ ଅବସରରେ ୯୦ପରିବାର ଏକାଠି ନୂଆ ଖାଇଛନ୍ତି। ଗୌନ୍ତିଆ ନିମାଇଁ ଚରଣ ନାଗଙ୍କ ଆବାହକତ୍ୱରେ ପୂର୍ବରୁ ଅନୁଷ୍ଠିତ ବୈଠକରେ ସ୍ଥିରୀକୃତ ନିଷ୍ପତ୍ତି ଅନୁସାରେ ସେମାନେ ନୂଆ ଖାଇଥିଲେ ହର୍ଷନିଆଲ, ସୁବାସ ବନଛୋର, ନୃପରାଜ ନାଗ, ଶତ୍ରୁଘ୍ନ ନାଏକ, ସୀତା ନାଗ, କନ୍ହେଇ କରୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ନୂଆ ଖାଇବା ପରେ ବଲାଙ୍ଗୀର ଶୈଳେଶ୍ରୀ ପ୍ୟାଲେସରେ ରାଜ ପରିବାରର ସଦସ୍ୟମାନେ।


ମା' ପାଟଣେଶ୍ୱରୀ ମନ୍ଦିରରେ ପୂଜକ ଭକ୍ତଙ୍କୁ ପ୍ରସାଦ ଦେଉଛନ୍ତି।

# ଏକସଙ୍ଗେ ନୂଆ ଖାଇଲେ ଛନଛଡ଼ା ଗ୍ରାମବାସୀ

ସଇଁତଲା,୨୦।୯(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଛନଛଡ଼ା ଗ୍ରାମରେ ନୂଆଁଖାଇ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଗାଁର ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ଗୋଟିଏ ଏକ ସ୍ଥାନରେ ନୂଆ ଖାଇଛନ୍ତି। ଇଷ୍ଟଦେବୀ ପାଟଣେଶ୍ୱରୀ ମନ୍ଦିର ସମ୍ମୁଖରେ ଗୌନ୍ତିଆ ହିମାଞ୍ଚଳ ବୁଢ଼େକଙ୍କ ନେତୃତ୍ୱରେ ଗ୍ରାମବାସୀ ନୂଆଁଖାଇ ପାଳନ କରିଥିଲେ। ଶଶାଙ୍କ ମହାନ୍ତି ଓ ସରୋଜ ପୁରୋହିତଙ୍କ ପୂଜାର୍ଚ୍ଚନା ପରେ ଗ୍ରାମର ସମସ୍ତେ ଏକାସାଙ୍ଗରେ ବସି ନୂଆ ଖାଇଥିଲେ। ଭିକ ପୂଝାରୀ, ଗଜପତି ବୁଡେକ, ମୂଷା ବାଗ, ଡ଼ୋଳାମଣୀ ବଗା, ବୁଟୁ ପୂଝାରୀ, ସନ୍ତୋଷ ବୁଢ଼େକ, ପ୍ରେମ ବୁଡେକ, ଉପାସୁ ବୁଡେକ, ବନବିହାରୀ ବୁଡେକ, ବେଣୁଧର ବାଗଙ୍କ ସହ ଗ୍ରାମର ଗଣେଷ ପୂଜା କମିଟି ଏହି ସାମାଜିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ନୂଆଁଖାଇ ଅବସରରେ ଛନଛଡ଼ା ଗ୍ରାମବାସୀ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଛନ୍ତି।

# ଉତ୍ସାହ, ଉଦ୍ଦୀପନାର ସହ ପାଳନ ହେଲା ନୂଆଁଖାଇ

ବଲାଙ୍ଗୀର,୨୦।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରରେ ବୁଧବାର ଉତ୍ସାହ, ଉଦ୍ଦୀପନାର ସହ ଗଣପର୍ବ ନୂଆଁଖାଇ ପାଳିତ ହୋଇଛି। ବଲାଙ୍ଗୀର ସହରର ଇଷ୍ଟଦେବୀ ପାଟଣେଶ୍ୱରୀ ଓ ଦେବୀ ସମଲେଶରୀଙ୍କ ମନ୍ଦିରରେ ପାରମ୍ପରିକ ରୀତିନୀତିରେ ନୂଆ ଲାଗି ହୋଇଥିଲା। ସକାଳୁସମଗ୍ର ବଲାଙ୍ଗୀର ସହର ଚଳଚଞ୍ଚଳ ହୋଇ ଉଠିଥିଲା। ସହରର ବିଭିନ୍ନ ଦେବାଦେବୀଙ୍କ ମନ୍ଦିରରେ ବିଧି ଅନୁଯାଇ ପୂଜାର୍ଚ୍ଚନା ଓ ନବାନ୍ନ ଲଗାଯାଇଥିଲା। ପ୍ରତ୍ୟେକ ଘରେ ରୀତିନୀତିରେ ନିଜ ଇଷ୍ଟ ଦେବାଦେବୀଙ୍କଠାରେ ନବାନ୍ନ ଲଗାଯିବା ପରେ ପରିବାର ସଦସ୍ୟ ଏକାଠି ନୂଆଁ ଖାଇଥିଲେ। ଏହାପରେ ଜୁହାର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ସମଲେଶ୍ୱରୀ ମନ୍ଦିରରେ ଭକ୍ତମାନେ ପାରମ୍ପରିକ ବାଦ୍ୟ ବଜାଉଛନ୍ତି।

ବଲାଙ୍ଗୀର ଶୈଳେଶ୍ରୀ ପ୍ୟାଲେସରେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ତାଙ୍କ ସ୍ତ୍ରୀ ମେଘନା ରାଣା ମିଳିତ ଭାବେ ନୂଆ ଖାଇଥିଲେ। ରାଜ ପରିବାରର ଅନ୍ୟ ସଦସ୍ୟମାନେ ଅନୁପସ୍ଥିତ ଥିବା ଦେଖାଯାଇଥିଲା। ଅପରାହ୍ଣ ପ୍ରାୟ ୧ଟାରୁ ନୂଆଁଖାଇ ସାରିବା ପରେ ଜନସାଧାରଣ ନିଜ ଘରୁ ବାହାରି ଜୁହାର ଭେଟ ହୋଇଥିଲେ। ସାମୂହିକ ଜୁହାର ଭେଟ ଦୃଶ୍ୟ ସହରରେ ଉତ୍ସାହ ଓ ଭାବମୟ ପରିବେଶ ସୃଷ୍ଟି କରିଥିଲା। ଦୀର୍ଘ ସମୟ ଧରି ଲୋକମାନେ ନୂଆଁଖାଇ ସମ୍ପର୍କରେ ଆଲୋଚନା କରିବା ସହ ଭାବର ଆଦାନ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ପଡାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି। ଆଠଗାଁ ନିକଟସ୍ଥ ମାହାଦେବପାଲିଠାରେ ଆଦିବାସୀ ସଂସ୍କୃତି ଅନୁଯାଇ ନିଜ ଇଷ୍ଟଦେବୀଙ୍କୁ ପୂଜା କରି ନୂଆଁଖାଇ ପାଳନ କରାଯାଇଛି। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଛି।

# ନୂଆଁଖାଇରେ ପୁରପଲ୍ଲୀ ଉତ୍ସବମୁଖର

**ସୋନପୁର, ୨୦।୯(ମୃତ୍ୟୁଞ୍ଜୟ ଶତପଥୀ)**

କୃଷିଭିତ୍ତିକ ମହାନ ଗଣପର୍ବ ନୂଆଁଖାଇ। ଏହି ପର୍ବ ସ୍ନେହ ବନ୍ଧନର ସମ୍ପର୍କକୁ ଅଧିକ ଦୃଢୀଭୂତ କରେ। କେବଳ ପରିବାର ନୁହେଁ, ସାହି ପଡିଶାଙ୍କୁ ମଧ୍ୟ ଗୋଟିଏ ଡୋରିରେ ବାନ୍ଧି ରଖେ ଏହି ପର୍ବ। ନୂଆଁଖାଇ ଅବସରରେ ବୁଧବାର ସୁବର୍ଣ୍ଣପୁର ଜିଲାର ପୁରପଲ୍ଲୀ ଉତ୍ସବ ମୁଖର ହୋଇ ଉଠିଛି। ପୁରାତନ ପରମ୍ପରା ଅନୁଯାୟୀ ଇଷ୍ଟଦେବୀଙ୍କ ଠାରେ ନବାନ୍ନ ଭୋଗ ଲାଗି ହୋଇ ସୋନପୁର ସମଲେଇ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ହୋଇଥିଲା। ମାଟି ହାଣ୍ଡିରେ କୁରେଇ ପତ୍ର ସହ ନୂଆଁଖାଇ ଖଞ୍ଜା(ନୂଆ ଲୁଗା, ମହୁ, ବାସୁମତୀ ଅରୁଆ ଚାଉଳ, ଡାଲି, ଗୁଡ, ପନିପରିବା, ଗୁଆ ଘିଅ, ପିଠା ପଣା, ନୂଆ ଧାନ ଓ ପଞ୍ଚାମୃତ) ଆଦି ସାମଗ୍ରୀ ସମଲେଇ ମନ୍ଦିରରେ ପ୍ରସ୍ତୁତ ହୋଇ ରହିଥିଲା। ସ୍ୱତନ୍ତ୍ର ପୂଜା ପରେ ସକାଳ ୮ଟା ୩୦ମିନିଟ୍ ସମୟରେ ମହାଆଡମ୍ବରରେ ଢୋଲ, ମହୁରୀ ସହ ସମଲେଇ ମନ୍ଦିରରୁ ସ୍ୱତନ୍ତ୍ର ଭାବେ ପାହୁର ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାରେ ମନ୍ଦିରର ପୂଜକ, ଶ୍ରଦ୍ଧାଳୁ ଓ ଜନସାଧାରଣ ସାମିଲ ହୋଇଥିଲେ। ନୂଆଁଖାଇ ପାହୁର ପର୍ବ ପୁରାତନ ଗଡଜାତ ରାଜ୍ୟର ପ୍ରଚଳିତ ପ୍ରଥା। ପରମ୍ପରା ଓ ଧାର୍ମିକ ନୀତି ନିୟମ ଅନୁସାରେ ନିର୍ଦ୍ଧାରିତ ଲଗ୍ନରେ ନବାନ୍ନ ଭୋଗ ଏବଂ ପୂଜା ସାମଗ୍ରୀ ସହରର ଅଷ୍ଟଚଣ୍ଡୀ ଓ ବଡ ହନୁମାନଙ୍କୁ ପଠାଯାଇଥିଲା। ସକାଳ ୧୦ଟା ୩୬ମିନିଟ୍ ରୁ ୧୦ଟା ୫୦ମିନିଟ୍ ମଧ୍ୟେ ମାହେନ୍ଦ୍ର ବେଳାରେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କୁ ରାଜଭୋଗ ଅର୍ପଣ କରାଯାଇଥିଲା। ପରେ ନିର୍ଦ୍ଧାରିତ ଶୁଭ ଲଗ୍ନରେ ଜିଲାବାସୀ ଓ ପୁରାତନ ସୋନପୁର ଗଡଜାତର ପଞ୍ଚରା ଅଞ୍ଚଳବାସୀ ନବାନ୍ନ ଭକ୍ଷଣ କରିଥିଲେ। ନୂଆଁଖାଇର ସାମାଜିକ ଭାବଧାରା ନିଆରା। ସଭିଏଁ ଏହି ପର୍ବରେ ଏକାଠି ହୋଇଥାନ୍ତି। କାରଣ ଏହି ଦିନ ପରିବାରର ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ସଭିଏଁ ସାଙ୍ଗ ହୋଇ ନବାନ୍ନ ଭକ୍ଷଣ କରିଥାନ୍ତି। ଗୃହିଣୀମାନେ ଲିପାପୋଛା କରି ଘର ଦୁଆର ଓ ଠାକୁର ଘରକୁ ସଜାଇ ଥିବା ବେଳେ ସମସ୍ତ ଦେବାଳୟଗୁଡିକୁ ମଧ୍ୟ ସମଫାସୁତୁରା କରା ଯାଇଥିଲା। ଗ୍ରାମାଞ୍ଚଳରେ ନୂଆଁଖାଇ ପୂର୍ବରୁ ପୁରୁଷମାନେ ଗୁହାଳ ଘର ଓ କୃଷି ଉପକରଣଗୁଡିକୁ ମରାମତି କରିଥିଲେ। ପୂଜା ପାଇଁ ସକାଳୁ ଗରିବଙ୍କ ଠାରୁ ଆରମ୍ଭ କରି ଧନୀକ ଶ୍ରେଣୀର ଲୋକଙ୍କ ଘରେ ପିଠା ପଣାର ବାସ୍ନା ମହକି ଉଠିଥିଲା। ନୂଆଁ ଚାଉଳ, ଗୁଆ ଘିଅ ଓ ଗୁଡରେ ନବାନ୍ନ ପ୍ରସ୍ତୁତ ହୋଇଥିଲା। ପ୍ରତ୍ୟେକ ପରିବାରର ଇଷ୍ଟଦେବୀଙ୍କ ଠାରେ ନବାନ୍ନ ଲାଗି ହେବା ପରେ ସମସ୍ତେ ତଳେ ବସି ନବାନ୍ନ ଭକ୍ଷଣ କରିଥିଲେ। ନବାନ୍ନ ଭକ୍ଷଣ ପରେ ଛୋଟମାନେ ବଡ ଲୋକଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥିଲେ। ଏହି ପରମ୍ପରା ଏବେ ବି ବଜାୟ ରହିଛି। ବୁଧବାର ପାହୁର ଶୋଭାଯାତ୍ରାରେ ଅଷ୍ଟଚଣ୍ଡୀ ମନ୍ଦିରର ପୂଜକ ବୃନ୍ଦ, ଶଶାଙ୍କ ଶେଖର ସିଂହଦେଓ, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ବୈକୁଣ୍ଠନାଥ ଶତପଥୀ, ପୁରୁଷୋତ୍ତମ ପାଣିଗ୍ରାହୀ, ଲଡୁକିଶୋର ମଲ୍ଲିକ, ସତ୍ୟନାରାୟଣ ତ୍ରିପାଠୀ, ଆଶାରାମ ନାଏକ, ମନୋରଞ୍ଜନ ତ୍ରିପାଠୀ, ପି ରାଜକିଶୋର ପାତ୍ର, ପ୍ରଦୀପ ପୁରୋହିତ, ନାରାୟଣ ରଥ, ଆନନ୍ଦ ପାତ୍ର, ଶେଷଦେବ ମେହେର, ସଚ୍ଚିଦାନନ୍ଦ ସାହୁ ଓ ଦେବାଶିଷ ପଟ୍ଟନାୟକ ସାମିଲ ଥିଲେ।


ମା' ସମଲେଇ।


ସୋନପୁରରେ ଅନୁଷ୍ଠିତ ପାହୁର ଶୋଭାଯାତ୍ରା।

**ସୁବର୍ଣ୍ଣପୁର ଜିଲା**

## ମା' ସୁରେଶ୍ୱରୀଙ୍କୁ ଲାଗି ହେଲା ନବାନ୍ନ

**ସୋନପୁର, ୨୦।୯(ମୃତ୍ୟୁଞ୍ଜୟ ଶତପଥୀ)**

ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଧାର୍ଯ୍ୟ ଲଗ୍ନ ଅନୁସାରେ ବୁଧବାର ବେଶ ଉତ୍ସାହର ସହ ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ଠାରେ ନବାନ୍ନ ଲାଗି ପରେ ବିଧି ଅନୁଯାୟୀ ସୁବର୍ଣ୍ଣପୁର ଜିଲାବାସୀ ଓ ବୌଦ୍ଧ ଜିଲାର ପଞ୍ଚରା ଅଞ୍ଚଳବାସୀ ନୂଆ ଖାଇଛନ୍ତି। ପୂର୍ବାହ୍ନ ୧୦ଟା ୩୬ରୁ ୧୦ଟା ୫୦ମିନିଟ୍ ମଧ୍ୟରେ ବିଶୁଦ୍ଧ ବିଛା ଲଗ୍ନ ତୁଳା ନବାଂଶ ସମୟରେ ସୁବର୍ଣ୍ଣପୁର ଗଡଜାତର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ଠାରେ ନବାନ୍ନ ଭୋଗ ଲାଗିଥିଲା। ଏହା ପରେ ପୁରାତନ ଗଡଜାତବାସୀ ପ୍ରତ୍ୟେକ ନିଜ ଘରେ ଇଷ୍ଟଦେବୀଙ୍କୁ ନବାନ୍ନ ଅର୍ପଣ କରିଥିଲେ। ପରେ ପରିବାର ସଦସ୍ୟ, ବନ୍ଧୁ ପରିଜନ ସମବେତ ହୋଇ ନୂଆଁଖାଇ ତିହାର ପାଳନ କରିଛନ୍ତି । ଅପରାହ୍ନରେ ସହର ଓ ଗ୍ରାମାଞ୍ଚଳରେ ଜୁହାର ଭେଟ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାତଃ ସମୟରେ ମନ୍ଦିରରେ ରୁଦ୍ଧଦ୍ୱାର ନୀତି ହୋଇଥିଲା। ମା' ସୁରେଶ୍ୱରୀଙ୍କୁ ନୂଆ ବସ୍ତ୍ର ଓ ଅଳଙ୍କାରରେ ବିଭୂଷିତ କରାଯାଇଥିଲା। ସକାଳେ ପୂଜା ପାଇଁ ବିଭିନ୍ନ ଗ୍ରାମରୁ ନୂଆ ଧାନ ମନ୍ଦିରକୁ ଆସିଥିଲା।


ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀ।

## ମା' ଭୈରବୀଙ୍କ ପୀଠରେ ଲାଗିଲା ନବାନ୍ନ

**ବୌଦ୍ଧ, ୨୦।୯ (ଅଜିତ କୁମାର ବାରିକ)**

**ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ**

ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ପୀଠରେ ବୁଧବାର ସକାଳ ୮ଟା ୧୫ ମିନିଟ ସମୟରେ ନବାନ୍ନ ଲାଗି କରାଯାଇଛି। ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ। ଏଥିପାଇଁ ସାରା ପଶ୍ଚିମ ଓଡିଶା ଚଳଚଞ୍ଚଳ ହୋଇ ପଡିଥିବା ବେଳେ ବୌଦ୍ଧ ଜିଲାରେ ମଧ୍ୟ ଧୁମଧାମରେ ପାଳିତ ହୋଇଛି ନୂଆଁଖାଇ। ମହାନଦୀରେ ପୂଜା କରି ମହାନଦୀର ପବିତ୍ର ଜଳକୁ ଏକ ଶୋଭାଯାତ୍ରାରେ ଅଣାଯାଇ ଦେବୀଙ୍କ ପାଇଁ ନବାନ୍ନ ପ୍ରସ୍ତୁତ କରାଯାଇଥିଲା। ମୁଖ୍ୟ ପୂଜକ ଗୌରି ପ୍ରସାଦ ବଡମାଳି ଓ ପାଳିଆ ପୂଜକ ହରିହର ବଡମାଳି ବିଧି ଅନୁଯାୟୀ ସ୍ୱତନ୍ତ୍ର ପୂଜା କରିବା ପରେ ପ୍ରଥମେ ମା' ଭୈରବୀଙ୍କ ଠାରେ ନବାନ୍ନ ଲାଗି କରାଯାଇଥିଲା। ପରେ ପାର୍ଶ୍ୱ ଦେବାଦେବୀମାନଙ୍କୁ ନବାନ୍ନ ଅର୍ପଣ କରିଥିଲେ। ଏହି ଅବସରରେ ମନ୍ଦିରର ଚୂଡାରେ ନୁତନ ଧ୍ୱଜା ଲାଗିଥିଲା। ଭୈରବୀଙ୍କ ଠାରେ ମହାଆଳତି କରିବା ପରେ ଭକ୍ତମାନେ ସାମୁହିକ ଭାବେ ଦେବୀଙ୍କ ନବାନ୍ନ ସେବନ କରିଥିଲେ। ପୂଜା କାର୍ଯ୍ୟରେ ବିଭୁତି ଭୂଷଣ ବଡମାଳି, ସାନନ୍ଦ ବଡମାଳି, ବିଶୁ ବଡମାଳି, ତରଣୀ ବଡମାଳି, ଧନେଶ୍ୱର ବଡମାଳୀ, ରାଜୁ ବଡମାଳି ଓ ଅନ୍ୟମାନେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟରେ ଅମର ସାହୁ, ସମ୍ପଦ ଅଗ୍ରୱାଲା,ଶମ୍ଭୁ ମହାକୁଳ, ହରେଶ ନାୟକ, ଆଲୋକ ମହାପାତ୍ର, ଫକିର ଘଡେଇ ଓ ମନ୍ଦିର ପରିଚାଳନା ସଦସ୍ୟମାନେ ସାମିଲ ଥିଲେ।


ମା' ଭୈରବୀଙ୍କ ନବାନ୍ନ ପ୍ରସ୍ତୁତ କରିବାକୁ ମହାନଦୀରୁ ପାଣି ଅଣାଯାଉଛି।

## ସମ୍ବଲପୁରୀ ନାଚ ଓ ଗୀତରେ ଦୁଲୁକିଲା ମଞ୍ଚ


ନୂଆଖାଇ ଭେଟଘାଟ ଅବସରରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

**ବୌଦ୍ଧ, ୨୦।୯(ଅଜିତ କୁମାର ବାରିକ)**

**ଗେହ୍ଲାମା କଳା ନିକେତନ ପକ୍ଷରୁ ନୂଆଁଖାଇ ଭେଟଘାଟ**

ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇ ପାଇଁ ନାଚ ଗୀତର ଆସର ସବୁଆଡେ ଜମିଯାଇଛି। ଏହି ଗଣପର୍ବ ବୌଦ୍ଧ ଜିଲାରେ ମଧ୍ୟ ମହାଆଡମ୍ବର ସହକାରେ ପାଳିତ ହୋଇଛି। ଜିଲାର ଅଗ୍ରଣୀ ଅନୁଷ୍ଠାନ ଗେହ୍ଲାମା କଳା ନିକେତନ ଚଳିତବର୍ଷ ନୂଆଁଖାଇ ଭେଟଘାଟକୁ ପୁରା ଜାକଜମକରେ ପାଳନ କରୁଛ। ଦୁଇଦିନ ଧରି ପାଳନ ହେବାକୁ ଥିବା ଏହି ଭେଟଘାଟ ବୁଧବାର ଦିନ ସନ୍ଧ୍ୟାରେ ସହରର ମାଉସୀ ମା' ମନ୍ଦିରଠାରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ବରିଷ୍ଠ ଆଇନଜୀବୀ ତାରେଣୀ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଶଶାଙ୍କ ଶେଖର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ମହାପାତ୍ର କହିଲେ ଯେ,ଏହା ଆମର ଗଣପର୍ବ ହୋଇଥିବା ବେଳେ ଏହାଦ୍ୱାରା ଭାଇଚାରା ବଜାୟ ରହିଥାଏ। ଏହି ଅବସରରେ ସେ ସମସ୍ତଙ୍କ ମଙ୍ଗଳ କାମନା କରିବା ସହ ଅଭିନନ୍ଦନ ଜଣାଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ଚିତ୍ତରଞ୍ଜନ ଦାସ ଆଗକୁ ଯେପରି ନୂଆଖାଇ ଅଧିକ ଧୁମଧାମରେ ପାଳନ ହୋଇପାରିବ ସେନେଇ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଆଶୁତୋଷ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସମ୍ବଲପୁରୀ ନାଚ ଗୀତରେ ପୁରା ମଞ୍ଚ ଦୁଲୁକିଥିଲା। ଗେହ୍ଲାମା କଳାନିକେତନ ପକ୍ଷରୁ ଚୁଟକୁଚୁଟା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ରସରକେଲି, ପ୍ରଣାମ ଅନୁଷ୍ଠାନ ପକ୍ଷରୁ ଯଶୋଦା ରାଣୀ, ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ଆମେ ସମ୍ବଲପୁରୀ, ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ ପକ୍ଷରୁ ଶ୍ରାବଣ ଝାରେ, ସୃତି ଡ୍ୟାନ୍ସ ଓ ଗ୍ରୁପ ପକ୍ଷରୁ କିନ୍ଦିରି କିନ୍ଦିରି ନାଚ , କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଡଙ୍ଗର ତଲେ ଆଦି ନୃତ୍ୟ ପରିବେଷଣ ହୋଇଥିଲା। ଅନୁଷ୍ଠାନର ଗୋପାଳକୃଷ୍ଣ ବେହେରା, ସନ୍ତୋଷ ନାୟକ, ଶତ୍ରୁଜିତ ମହାପାତ୍ର, ବସନ୍ତ କୁମାର ସାହୁ, ନାରାୟଣ ମହାନ୍ତି , ମିହିର ଚାନ୍ଦ , ଜିତେନ୍ଦ୍ର ମହାନ୍ତି , ମିକୁନ ଘିବେଲା, ପ୍ରତ୍ୟୁଷ ଦାନି, ରବୀନ୍ଦ୍ର ପଟ୍ଟନାୟକ, ଅରୁପ ମହାରଣାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଞ୍ଚକୁ ପ୍ରେମଜିତ ଝାଙ୍କର ଓ ଶୁଭସ୍ମିତା ମହାକୁଡ ପରିଚାଳନା କରିଥିଲେ। ଏହି ଭେଟଘାଟ ଗୁରୁବାର ଦିନ ଉଦ୍‌ଯାପିତ ହେବ। ଭେଟଘାଟ ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା।

## ପିଠାପଣା ମହକରେ ବାସୁଛି ଗାଁ ଦାଣ୍ଡ

**ବୌଦ୍ଧ, ୨୦।୯( ଅଜିତ କୁମାର ବାରିକ)**

**ନାଚ ଗୀତର ଜମିଛି ଆସର**

ନୂଆଁଖାଇ ପାଇଁ ସାରା ପଶ୍ଚିମ ଓଡିଶା ଉତ୍ସବମୁଖର ହୋଇପଡିଛି। ବୌଦ୍ଧ ଜିଲାର ପୁରପଲ୍ଲୀରେ ଖୁସିର ମାହୋଲ। ଗାଁ ଗାଁରେ ନାଚ ଗୀତର ଆସର। ଚଷା ପୁଅ ତାର ପ୍ରଥମ ଫସଲକୁ ମା'ଙ୍କ ନିକଟରେ ଅର୍ପଣ କରିବା ପାଇଁ ପୁରା ବ୍ୟଗ୍ର ଥିବାର ଦେଖିବାକୁ ମିଳିଥିଲା। ଏହି ସମୟରେ ଚଷା ପୁଅ ନିଜ ଜମିରେ କ୍ଷୀର, ଅରୁଆ ଚାଉଳ ଓ ଫୁଲ ଦୁବ ଦେଇ ମାଟି ମା'କୁ ପୂଜା କରିବାକୁ ଭୁଲି ନ ଥାଏ । ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ନବାନ୍ନ ଲାଗିବା ପରେ ଗ୍ରାମଗୁଡିକର ଗ୍ରାମଦେବୀଙ୍କ ପୀଠରେ ଲାଗିଥିଲା ନବାନ୍ନ। ଗ୍ରାମ ମୁଖିଆଙ୍କ ଦ୍ୱାରା ଗ୍ରାମଦେବତୀଙ୍କ ନିକଟରେ ନବାହ୍ନ ଅର୍ପଣ ପରେ ପ୍ରତି ପରିବାରର ସମସ୍ତେ ନୂଆଲୁଗା ପିନ୍ଧି ନିଜ ଘରର ଇଷ୍ଟ ଦେବାଦେବୀଙ୍କୁ ନବାନ୍ନ ଅର୍ପଣ କରିଥିଲେ। ପରେ ପରିବାର ମିଶି ନବାନ୍ନ ଭକ୍ଷଣ କରିଥିଲେ। ଏହି ପର୍ବ ପାଳନ ଅବସରରେ ଘରେ ଘରେ ନୂଆ ଚାଉଳରେ ପ୍ରସ୍ତୁତ ପିଠାପଣା ସହ ବିଭିନ୍ନ ସୁସାଦ୍ୟ ଖାଦ୍ୟର ମହକରେ ଘର ଓ ଗାଁ ଦାଣ୍ଡ ମହମହ ବାସି ଉଠିଥିଲା। ବିଭିନ୍ନ ବର୍ଗରେ ପରମ୍ପରା ଅନୁସାରେ କୁରେଇ, ମହୁଲ, ପଳଶା, ଶାଳ ପତ୍ରରେ ନୂଆଁ ଖାଇଥିଲେ। ଏହାସହ ନୂଆଁଖାଇ ପାଇଁ ନାଚ ଗୀତରେ ବିଭିନ୍ନ ଗାଁ ଦାଣ୍ଡ ଉଠୁଛି ପଡୁଛି। ନବାନ୍ନ ଭକ୍ଷଣ କରିବା ପରେ ସାନମାନେ ବଡମାନଙ୍କୁ ମୁଣ୍ଡିଆ ମରି ଆଶୀର୍ବାଦ ନେଇଛନ୍ତି।


ବୌଦ୍ଧ ଜିଲାର ଧଳପୁର ଗ୍ରାମବାସୀ ମିଳିତ ଭାବେ ନବାନ୍ନ ଭକ୍ଷଣ କରୁଛନ୍ତି।

## ସୋନପୁର ସହରରେ ଗଣେଶ ପୂଜାର ଝଲକ


ମାଲିପଡା


ପଟାଭାଡି ଆଜାଦ କ୍ଲବ


ପଟାଭାଡି ଏସ ଏସ କ୍ଲବ


ଧୀବରପଡା ସୁରେଶ୍ୱରୀ ପାଠାଗାର ପକ୍ଷରୁ ହୋଇଥିବା ଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି।

# ଜଙ୍ଘାବଡ଼ଦେଓଙ୍କ ପୀଠରେ ସ୍ୱତନ୍ତ୍ର ତିଥିରେ ଲାଗିହୁଏ ନବାନ୍ନ

**ଜନଜାତି ପରମ୍ପରାର ସମୃଦ୍ଧ ଜିଲା ସୁନ୍ଦରଗଡ଼। ଜିଲାର ସାମାଜିକ ଓ ସାଂସ୍କୃତିକ ଭାବଧାରାରେ ଜନଜାତି ଗୋଷ୍ଠୀଙ୍କ ପରମ୍ପରା ,ଐତିହ୍ୟ, ଧର୍ମୀୟ ଭାବନା ଏହି ଅଞ୍ଚଳର ସ୍ୱତନ୍ତ୍ର ସଂସ୍କୃତି ଭାବେ ପ୍ରସିଦ୍ଧି ଲାଭ କରିଛି। ପ୍ରକୃତି ଓ ପରମ୍ପରାର ପାର୍ବଣ ନୂଆଁଖାଇରେ ନିଜର ଇଷ୍ଟଦେବଦେବୀଙ୍କୁ ନବାନ୍ନ ଅର୍ପଣରେ ମଧ୍ୟ ରହିଛି ସ୍ୱତନ୍ତ୍ର ରୀତିନୀତି। ଏହି ଜିଲାର ଜନଜାତି ପରମ୍ପରାର ଏକ ସଂସ୍କୃତିସମ୍ପନ୍ନ ଜନଜାତି ଗୋଣ୍ଡ ଜନଜାତି। ନୂଆଁଖାଇ ପର୍ବ ସାଧାରଣତଃ ସମଗ୍ର ପଶ୍ଚିମ ଓଡ଼ିଶାରେ ଏକ ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ଲଗ୍ନରେ ପାଳନ କରାଯାଉଥିବା ବେଳେ ଗୋଣ୍ଡ ଜନଜାତି ପରମ୍ପରାରେ ଇଷ୍ଟ ଦେବତା ଜଙ୍ଘାବଡ଼ଦେଓଙ୍କ ପୀଠରେ ଏକ ନୂତନ ତିଥିରେ ଲାଗି ହୁଏ ନବାନ୍ନ।**

ପୌରାଣିକ ଆଖ୍ୟାନ ଅନୁଯାୟୀ, ଭଗବାନ୍ ଶ୍ରୀକୃଷ୍ଣଙ୍କ ଦେହାବଶେଷର ନିମ୍ନାଂଶ ଜଙ୍ଘରୁ ଉଦ୍ଭୂତ ଜଙ୍ଘାବଡ଼ଦେଓ ଗୋଣ୍ଡ ଜନଜାତିଙ୍କ ଇଷ୍ଟଦେବ ରୂପେ ସ୍ୱୀକୃତ। ଜିଲାରେ ବାସ କରୁଥିବା ଗୋଣ୍ଡ ଜନଜାତିର ୬ଟି ସମ୍ପ୍ରଦାୟ ଏକତ୍ର ହୋଇ ଗୋଷ୍ଠୀଗତ ଭାବେ ଭାଦ୍ରବ ମାସ ଶୁକ୍ଳପକ୍ଷ ବାଲିତୃତୀୟା ତିଥିରେ ପାଳନ କରିଥାନ୍ତି ଏହି ନବାନ୍ନ ଅର୍ପଣର ପର୍ବ। ଏ ସମ୍ପର୍କରେ ବଡଗାଁ ଭୋଇପାଲିସ୍ଥିତ ଜଙ୍ଘବଡ଼ଦେଓ ମନ୍ଦିର ପୂଜକ ମିତ୍ରେଶ୍ୱର ନାୟକଙ୍କ କହିବା ଅନୁଯାୟୀ, ଏହି ପବିତ୍ର ତିଥିରେ ପ୍ରତ୍ୟୁଷରୁ ୬ଟି ସମ୍ପ୍ରଦାୟର ଲୋକେ ଏକାଠି ଜଙ୍ଗଲକୁ ଯାଇଥା'ନ୍ତି। ସେମାନେ ଖଇ ଉଖୁଡ଼ା, ନଡ଼ିଆ, ଧୂପ, ଦୀପ ଆଦି ନେଇ ଶିଆଳି ଗଛ ମୂଳେ ପୂଜା କରିଥା'ନ୍ତି। ଶିଆଳିଗଛର ଲତାକୁ

## ନିଆରା ନୂଆଁଖାଇ ପରମ୍ପରା

ଛିଣ୍ଡାଇ ସେମାନେ ଜଙ୍ଘବଡ଼ଦେଓଙ୍କ ପୀଠକୁ ଆଣି ତାକୁ ଜଙ୍ଘାବଡ଼ଦେଓଙ୍କ ବସ୍ତ୍ର ରୂପେ ପିନ୍ଧାଇଥା'ନ୍ତି। ସେହି ପାହାଡ଼ରୁ ଭେଲୁଆପତ୍ର, ଚବା, ହରିଡ଼ାପତ୍ର, ସର୍ଗିପତ୍ର ଓ କାଠ ଆଦି ସଂଗ୍ରହ କରି ଆଣିଥା'ନ୍ତି। ସେମାନେ କାଠକୁ କାଟି ନୁହେଁ ଭାଙ୍ଗିକରି ଆଣନ୍ତି। ସେଠାକୁ ଯେତେଜଣ ଯାଇଥା'ନ୍ତି, ସେମାନେ ଭଗବାନ୍‌ଙ୍କୁ ଭୋଗ ଅର୍ପଣ ନ କରିବା ଯାଏ ଅନ୍ନ ବା ଚାଉଳରୁ ପ୍ରସ୍ତୁତ ଖାଦ୍ୟ ଖାଇ ନଥା'ନ୍ତି। ପରେ ମନ୍ଦିରରେ କଳସ ସ୍ଥାପନା କରାଯାଏ। ତା'ପରେ ସେଠାରୁ ଆସିଲା ପରେ ପୁଣି ଶିକା ଭାର ନେଇ ନଦୀକୁ ଯାଇଥା'ନ୍ତି। ଶିକା ଭାରର ଗୋଟିଏ ପାର୍ଶ୍ୱରେ ଗରା ଏବଂ



ଭୋଇପାଲିସ୍ଥିତ ଜଙ୍ଘାବଡ଼ଦେଓଙ୍କ ମନ୍ଦିର।

ଅନ୍ୟପାର୍ଶ୍ୱରେ ଗୋଟିଏ ନୂତନ ହାଣ୍ଡିରେ ପୂଜା ସାମଗ୍ରୀ ଯଥା ଦୀପ, ଫୁଲ, ସିନ୍ଦୂର, ଛ'ମୁଠା ଅରୁଆ ଚାଉଳ, ଛ'ମୁଠା ମୁଗ, ଗୁଡ଼, କ୍ଷୀର, ଗଙ୍ଗାଜଳ, ସର୍ବୌଷଧି, ଚାଉଳଗୁଣ୍ଡ ଆଦି ଦ୍ରବ୍ୟ ନେଇଥା'ନ୍ତି। ନଦୀକୁ ଗଲା ପରେ ସେଠାରେ ପୂଜା କରିଥା'ନ୍ତି ଏବଂ ଜଣେ ଜଗତ ଗଣ୍ଡ ନୂତନ ବସ୍ତ୍ର (ଧୋତି ଗାମୁଛା) ପିନ୍ଧି ଆସିଥା'ନ୍ତି। ନଦୀରୁ ଆଣିଥିବା ପାଣିରେ ଯେଉଁ ଛ'ମୁଠା ଚାଉଳ ଓ ମୁଗ ନେଇଥାନ୍ତି ତାକୁ ଧୋଇ ଆଣିଥାନ୍ତି। ଘରେ ତିଆରି ହୋଇଥିବା ନୂତନ ଚୁଲିରେ ଆଣିଥିବା କାଠରେ ନବାନ୍ନ ପ୍ରସ୍ତୁତ କରିଥାନ୍ତି। ଯିଏ ନବାନ୍ନ ଭୋଗ ପ୍ରସ୍ତୁତ କରେ, ସେ ନିଆଁକୁ ଫୁଙ୍କି ଜଳାନ୍ତି ନାହିଁ । ଖଳିପତ୍ରରେ ବିଞ୍ଚି ନିଆଁକୁ ଜଳାଯାଏ। ସେହି ନବାନ୍ନ ଭୋଗରେ ନୂଆଧାନ (ସରିଆ ଧାନ)କୁ ନଖରେ ଖୋଲି ଚାଉଳକୁ ବାହାର କରିଥା'ନ୍ତି। ନବାନ୍ନ ଭୋଗ ପ୍ରସ୍ତୁତ ପରେ ସେଠାରେ ମୁଣ୍ଡିଆ ମାରି ଜଙ୍ଘାବଡଦେଓଙ୍କ ମନ୍ଦିରକୁ ନେଇଥାନ୍ତି। ମନ୍ଦିରରେ ସେହିଦିନ ଝୋଟି ପକାଯାଇଥାଏ । ଛ'ଟି ଚବା (କାଶତଣ୍ଡୀ ଫୁଲ), ଛ'ଟି ନୂଆଁଧାନକୁ ଭେଲୁଆପତ୍ରରେ ଦେଇ ପନାସି ଘାସରେ ବନ୍ଧାଯାଏ। ତାପରେ ରାତି ୭ଟାରୁ ୮ଟା ମଧ୍ୟରେ ନବାନ୍ନ ଲାଗି କରାଯାଏ। ଭଗବାନ୍‌ଙ୍କୁ ସେହିଦିନ ନୂତନ କପଡାରେ ୬ଟି ଆସନ ଦିଆଯାଏ। ଫୁଲ, ବେଲପତ୍ର, ଅରୁଆ ଚାଉଳ, ଶଙ୍ଖ ଘଣ୍ଟର ନାଦରେ ଧୂପଦୀପ ଦେଇ ୬ଦିନ ମନ୍ଦିର ବନ୍ଦ ରଖାଯାଏ। ଏହିପରି ଭାବେ ଇଷ୍ଟ ଦେବତା ଜଙ୍ଘବଡ଼ଦେଓଙ୍କଠାରେ ନବାନ୍ନ ଲାଗି କରାଯାଇଥାଏ। ଏହାପରେ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଗୋଣ୍ଡ ଜନଜାତିର ସମସ୍ତେ ଘରେ ମା' ଲକ୍ଷ୍ମୀ ଓ ପିତୃପୁରୁଷଙ୍କ ନିକଟରେ ନବାନ୍ନ ଲାଗି କରି ନୂଆ ଖାଇଥା'ନ୍ତି।

**ଉପସ୍ଥାପନା: ଜୟ ନାରାୟଣ ମେଣ୍ଟୁଲି**

## ମା' ସମଲେଶ୍ୱରୀ, ଶିଖରବାସିନୀରେ ନବାନ୍ନ ଲାଗିଲା



**ସୁନ୍ଦରଗଡ,୨୦।୯(ଜୟ ନାରାୟଣ ମେଣ୍ଟୁଲି)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସୁନ୍ଦରଗଡ ଜିଲାରେ ପାଳିତ ହୋଇଯାଇଛି। ଜିଲାର ଆରାଧ୍ୟା ଦେବୀ ମା' ସମଲେଶ୍ୱରୀ ଓ ରାଜ ପରିବାରର ଇଷ୍ଟଦେବୀ ଶିଖରବାସିନୀଙ୍କଠାରେ ନିର୍ଦ୍ଧାରିତ ସମୟରେ ନବାନ୍ନ ଲାଗିଥିଲା। ପରେ ପ୍ରତ୍ୟେକ ପରିବାର ନିଜ ଘରେ ଇଷ୍ଟଦେବାଦେବୀ ଓ ପିତୃପୁରୁଷଙ୍କଠାରେ ନବାନ୍ନ ଅର୍ପଣ କରି ଏକାଠି ନବାନ୍ନ ଭକ୍ଷଣ କରିଥିଲେ। ରାଜ ପରିପରିବାରର ରାଣୀ ବିଜ୍ଞାନୀ ଶେଖର ଦେଓ ସମଲେଶ୍ୱରୀ ମନ୍ଦିର ଆସି ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡର ଅବନୀ ପୁରୋହିତ, କୃଷ୍ଣଚନ୍ଦ୍ର ପଣ୍ଡା, ବ୍ରାହ୍ମଣ ସମାଜର ବେଣୁମାଧବ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ନୂଆଁଖାଇ ଅବସରରେ ଘରେ ଘରେ ନୂଆ ଚାଉଳରୁ ପ୍ରସ୍ତୁତ କ୍ଷୀର,ପିଠାପଣା, ଅନ୍ନ ବିଭିନ୍ନ ବ୍ୟଞ୍ଜନର ସମ୍ଭାର ଦେଖିବାକୁ ମିଳିଥିଲା। ପ୍ରବାସରୁ ଆସିଥିବା ପରିବାର ସଦସ୍ୟ ଓ ସମସ୍ତେ ଏକାଠି ବସି ନୂଆଁଖାଇ ଜୁହାର କରି ବଡମାନଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ।

## ନର୍ସିଂ କଲେଜ,ଗବେଷଣା କେନ୍ଦ୍ର ଉଦ୍‌ଘାଟିତ



ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

**ବଡ଼ଗାଁ,୨୦।୯( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁରେ ନବ ନିର୍ମିତ ନର୍ସିଂ କଲେଜ ଓ ଗବେଷଣା କେନ୍ଦ୍ର ଗଣେଶ ଚତୁର୍ଥୀରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ରାଜ୍ୟ ସ୍କାଉଟ ଗାଇଡର ରାଜ୍ୟ ସଭାପତି ତଥା ଜାତୀୟ ଉପ ସଭାପତି କାଳୀ ପ୍ରସାଦ ମିଶ୍ର, ଲାୟନ ବ୍ରିଜ ମୋହନ ଅଗ୍ରୱାଲ, ଆଇଟିଆଇ ଫେଡେରେଶନ ସଭାପତି ମେହେମୁଦ ମହମ୍ମଦ ଯୋଗଦେଇଥିଲେ। ଆଇଟିଆଇ ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ ଏଥିରେ ସଭାପତିତ୍ୱ କରିଥିବା ବେଳେ ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ରାମଚନ୍ଦ୍ର ଏ ମାଟିର ଗର୍ବ ବୋଲି ମୁଖ୍ୟ ଅତିଥି ସାରଦା କହିବା ସହ ଅନୁଷ୍ଠାନର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ସ୍କାଉଟ ଗାଇଡ କମିଶନର କାଳି ପ୍ରସାଦ ମିଶ୍ର ଆଇଟିଆଇ ଅନୁଷ୍ଠାନର ବିଗତ ଦିନର ବିଭିନ୍ନ କାର୍ଯ୍ୟକ୍ରମର ସ୍ମୃତି ଚାରଣ କରି ଭୂୟସୀ ପ୍ରଶଂସା କରିଥିଲେ। ବ୍ରିଜ ମୋହନ ଅଗ୍ରୱାଲ ଓ ମେହେମୁଦ ମହମ୍ମଦ ଏହି ଅନୁଷ୍ଠାନ ସମସ୍ତଙ୍କ ପାଇଁ ମାଇଲ ଖୁଣ୍ଟି ହେବ ବୋଲି କହିଥିଲେ। ଅତିଥିମାନେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଏକ ନିର୍ଦ୍ଦିଷ୍ଟ ଖବର କାଗଜର ରାଉରକେଲା ବ୍ୟୁରୋ ଚିଫ ମନୋରଞ୍ଜନ ଦାସଙ୍କୁ ଉତ୍ତରୀୟ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବଡ଼ଗାଁର ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହାପରେ ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କୁଆଁରମୁଣ୍ଡାରେ ଜାୱା ସମାରୋହ

**କୁଆଁରମୁଣ୍ଡା,୨୦।୯(ମହେନ୍ଦ୍ର କୁମାର ସାହୁ)**

ଜାୱା ପର୍ବ ମୁଖ୍ୟତଃ ଅବିବାହିତା ଆଦିବାସୀ ଝିଅଙ୍କ ଦ୍ୱାରା ଜମିର ଉର୍ବରତା ଏବଂ ଘରର ସୁଖ ସମୃଦ୍ଧି କାମନା କରି ପାଳନ କରାଯାଏ। ଝାଡ଼ଖଣ୍ଡ ଏବଂ ଓଡ଼ିଶା–ଝାଡଖଣ୍ଡ ସୀମାରେ ରହୁଥିବା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜାୱା ପର୍ବ ପାଳନ କରାଯାଏ। ଝାଡ଼ଖଣ୍ଡର ଅନ୍ୟତମ ଲୋକପ୍ରିୟ ପର୍ବ କର୍ମା ପୂଜା ଭଳି ଜାୱା ପର୍ବ ଏକ କୃଷିଭିତ୍ତିକ ଆଦିବାସୀ ଗଣପର୍ବ। ଏହି ୨ଟି ପର୍ବ ପାଳନ ଏକ ସମୟରେ ହୋଇଥାଏ। ଉଭୟ ପର୍ବ ଫସଲ ଅମଳ ଏବଂ କରମ ବୃକ୍ଷ ପୂଜନ ପାଇଁ ପ୍ରସିଦ୍ଧ। ଏହି ପର୍ବ ସମୟରେ କରମା ନୃତ୍ୟଶିଳ୍ପୀ ଗୀତ ଏବଂ ନୃତ୍ୟ ସହିତ କରମ ବୃକ୍ଷର ଡାଳକୁ ବହନ କରନ୍ତି। କ୍ଷୀର ଏବଂ ଚାଉଳ ବୋଳି କରମ ବୃକ୍ଷର ଡାଳକୁ ସେହି ସ୍ଥାନ ମଝିରେ ପୋତି ଦିଆଯାଏ ଯେଉଁଠାରେ ଆଦିବାସୀ ଜନଜାତିର ନରନାରୀମାନେ ଗୋଷ୍ଠୀଗତ ଭାବେ ନୃତ୍ୟ ପରିବେଷଣ କରିଥାନ୍ତି। ଏହି ପର୍ବର ଦୃଶ୍ୟ ଅତି ଜୀବନ୍ତ, ଆକର୍ଷଣୀୟ ଏବଂ ସୁନ୍ଦର। ମଙ୍ଗଳବାର ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଚୁଟିଆଟୋଲି ପଡ଼ିଆରେ ଅନୁଷ୍ଠିତ ଜାୱା ସମାରୋହରେ ଉପସ୍ଥିତ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ ପ୍ରଦାନ କରିଛନ୍ତି। ଏଥିରେ ମୁଖ୍ୟ ଅତିଥି ମାଙ୍ଗେ ଏକ୍କାଙ୍କ ସମେତ ସମ୍ମାନିତ ଅତିଥିଭାବେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ,ବିଜେଡି ରାଉରକେଲା ସାଂଗଠନିକ ଜିଲା ସାଧାରଣ ସମ୍ପାଦକ ତଥା କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ସରପଞ୍ଚ ରାଜେଶ ହାସଦା, ନୂଆଗାଁ ବ୍ଲକ ପୂର୍ବତନ ଚେୟାରମ୍ୟାନ ମକଲୁ ଏକ୍କା, ପଦମପୁର ସରପଞ୍ଚ ଦିଲ୍ଲୀପ ଏକ୍କା, ଅର୍ଜୁନ ମିଞ୍ଜ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ନୃତ୍ୟଦଳଙ୍କୁ ପୁରସ୍କାର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ଏଥିରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବାରିଆ ବେକ, ବସନ୍ତ ଓରାମ, ବିକ୍ରମ ଓରାମ, ରଥୁ ଓରାମ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



କୁଆଁରମୁଣ୍ଡା ଚୁଟିଆଟୋଲିରେ ଅନୁଷ୍ଠିତ ଜାୱା ସମାରୋହ।

## ଅବନକେଲା ନୂଆଁଖାଇ ଭେଟଘାଟ ଉଦ୍‌ଘାଟିତ





ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

**ସୁନ୍ଦରଗଡ,୨୦।୯(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ ଜିଲାର ଚର୍ଚ୍ଚିତ ଅବନକେଲା ନୂଆଁଖାଇ ଭେଟଘାଟ ମଞ୍ଚ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସାନ୍ଧ୍ୟାରେ ଗଣେଶ ପୂଜା କମିଟି ସଭ୍ୟଙ୍କ ଦ୍ୱାରା ମା'ସମଲେଇଙ୍କ ପୂଜାର୍ଚ୍ଚନା ପରେ ମଞ୍ଚରେ ଜୁହାର ଭେଟ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସଭାରେ ବିଶିଷ୍ଟ ଶିକ୍ଷାବିତ ଟିକେଶ୍ୱର ପଟେଲ, ଚାଷୀ ତଥା ସମାଜିକ କର୍ମୀ ପୌଲସ୍ତି ପାଣ୍ଡେ, ସଂକୀର୍ତ୍ତନ ଗୁରୁ ଯୋଗେଶ୍ୱର ଅଡା, ବରିଷ୍ଠ ଖବରଦାତା ଜୟକୃଷ୍ଣ ସେଠଙ୍କ ସାହିତ ଗଣେଶ ପୂଜା କମିଟି ସଭାପତି ଅନିଲ ସେଟ ଯୋଗଦେଇ ନୂଆଁଖାଇ ଏକତାର ଓ ଭାଇଚାରର ପର୍ବ ବୋଲି ମତ ଦେଇଥିଲେ। ପରିବର୍ତ୍ତନ ହେଉଥିବା ସଂସ୍କୃତି ସମ୍ପର୍କରେ ଟିକେଶ୍ୱର ପଟେଲ ନିଜର ମତ ଦେଇଥିବା ବେଳେ ଖବରଦାତା ଜୟକୃଷ୍ଣ ସେଠ ଗାଁରେ ନୂଆଁଖାଇ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଫିରୋଜ କୁମାର ପଟେଲଙ୍କ ମଞ୍ଚ ସଂଯୋଜନାରେ ସଭା କାର୍ଯ୍ୟ ପରିଚାଳତ ହୋଇଥିଲା। ଗାଁର ଭୁଆସେନଙ୍କୁ ନେଇ ଆମର ପିଠାପନା କାର୍ଯ୍ୟକ୍ରମ ଓ କୁନିକୁନି ପିଲାଙ୍କର ସମ୍ବଲପୁରୀ ନାଚରେ ବିମୋହିତ ହୋଇଥିଲା ଦର୍ଶକ। କମିଟି ତରଫରୁ ନୂଆଁଖାଇକୁ ନେଇ ଏକ କୁଇଜ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। କୃପାସିନ୍ଧୁ ପଟେଲ, ଦୁଲାନନ୍ଦ ସେଟ, ନିରୋଜ କୁମାର ପଟେଲ, ନିମାଇଁ ପଟେଲ, ଜିତେନ୍ଦ୍ର ସାହୁ, ଅଜିତ ପଟେଲ, ମନୀଷ ପଟେଲ, ଆଲୋକ ପଟେଲ, ଚେତନ ଅଡା, ଭୁବନ ବଡେକ, ଗୁରୁଚରଣ ବଡେକ ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁବାର ସନ୍ଧ୍ୟାରେ ନୂଆଁଖାଇ ଭେଟଘାଟର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ପଶ୍ଚିମ ଓଡିଶାର ଅନେକ କବି, କଳାକାର ତଥା ରାଜନେତା ଯୋଗଦେବେ। ବରଗଡ଼ରୁ ଆସିଥିବା କୀର୍ତ୍ତନ ମଣ୍ଡଳୀ କୀର୍ତ୍ତନ ଧାରା ପରିବେଷଣ କରିବେ। କୁଇଜ କାର୍ଯ୍ୟକ୍ରମ ସାଙ୍ଗକୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହେବ। ସାରା ପଶ୍ଚିମ ଓଡ଼ିଶା ବାସୀଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଗଣେଶ ପୂଜା କମିଟି ଅନୁରୋଧ କରିଛନ୍ତି।

## ବିଶ୍ରାରେ ଗଣେଶ ପୂଜା

**ବିଶ୍ରା,୨୦।୯( ବଟକୃଷ୍ଣ ସ୍ୱାଇଁ):** ବିଶ୍ରା ବ୍ଲକ ଅଞ୍ଚଳରେ ଗଣେଶ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ବିଶେଷ କରି ବାବା କ୍ଲବ, ଜୟହିନ୍ଦ କ୍ଲବ, ଫ୍ରେଣ୍ଡେସ କ୍ଲବ ଆଦିରେ ଗଣେଶ ପୂଜା ମୁଖ୍ୟ ଆକର୍ଷଣ ପାଲଟିଥିଲା। ସବୁଠାରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



## ଅଘରିଆ ଭବନ ଉଦ୍‌ଘାଟିତ

**ସୁନ୍ଦରଗଡ଼,୨୦।୯(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ କିର୍ଞ୍ଜିମାଠାରେ ବୁଧବାର ଅଘରିଆ ଭବନ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଭବନକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ବ୍ଲକ କ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ ଏବଂ ଆଘରିଆ ସମାଜର ଗୁରୁଜନ, ମା' ମାଉସୀ, ଭାଇ ଭଉଣୀ ଉପସ୍ଥିତ ଥିଲେ।



## ହେମଗିରରେ ନୂଆଁଖାଇ

**ହେମଗିର,୨୦।୯(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକର ୧୯ଟି ପଞ୍ଚାୟତରରେ ଆନନ୍ଦ ଉଲ୍ଲାସର ସହ ନୂଆଁଖାଇ ପର୍ବ ପାଳନ କରାଯାଇଛି। ପ୍ରଥମେ ନୂଆ ଚାଉଳରେ ନବାନ୍ନ ତିଆରି କରି ଇଷ୍ଟ ଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ଲାଗିବା ପରେ ପରିବାର ସମସ୍ତ ସଦସ୍ୟ ଏକାଠି ହୋଇ ନବାନ୍ନ ଖାଇଥିଲେ। ପରେ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ଗ୍ରହଣ କରି ପରିବାରର ସମସ୍ତ ସଦସ୍ୟଙ୍କ ଜୁହାର ଭେଟ ଘାଟ ହୋଇଥିଲା। ଏହି ଅବସରରେ ଲାଲବଜାରଠାରେ ଯଜ୍ଞନାରାୟଣ ସାଂସ୍କୃତି ସଂଘ ତରଫରୁ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



# ଗାଁ ଦାଣ୍ଡରେ ନୂଆଁଖାଇଲେ ୧୬୩ ପରିବାର



**ସୁନ୍ଦରଗଡ,୨୦।୯(ଜୟ ନାରାୟଣ ମେଣ୍ଟୁଲି)**

ଖରା, ବର୍ଷା, ଶୀତ, କାକରରେ ହାଡ଼ଭଙ୍ଗା ପରିଶ୍ରମ କରି ମାଟି ମା'ରୁ ଉତ୍ପାଦିତ ପ୍ରଥମ ଶସ୍ୟକୁ ସମ୍ମାନ ଦେବାର ପର୍ବ ହେଉଛି ନୂଆଁଖାଇ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ହସ ଉଲ୍ଲାସରେ ଏହି ଗଣପର୍ବକୁ ପାଳନ କରଛନ୍ତି ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଝୁରିମାଲ ଗ୍ରାମବାସୀ। ନୂଆଁଖାଇକୁ ନିଆରା ଢଙ୍ଗରେ ପାଳନ କରିବା ପାଇ ୨ ସପ୍ତାହ ପୂର୍ବରୁ ପ୍ରସ୍ତୁତିରେ ଲାଗିପଡିଥିଲେ ସଂପୂର୍ଣ୍ଣ ଗ୍ରାମବାସୀ। ବୁଧବାର ସକାଳେ ସର୍ବପ୍ରଥମେ ଗ୍ରାମର ଆରାଧ୍ୟ ଦେବତା ସଙ୍କଟମୋଚନ ବଜରଙ୍ଗବଲୀଙ୍କ ପାଖରେ ନୂଆଁ ଚାଉଳ ଲାଗି ପୂଜାର୍ଚ୍ଚନା କରିବା ପରେ ଗ୍ରାମର ପ୍ରତ୍ୟେକ ପରିବାର ନିଜ ନିଜ ଇଷ୍ଟଦେବା ଦେବୀଙ୍କୁ ପୂଜାର୍ଚ୍ଚନା କରି ଅପରାହ୍ନ ୧ଟାରେ ଗାଁ ମଣ୍ଡପରେ ଏକାଠି ହୋଇଥିଲେ। ଏହାପରେ ପାରମ୍ପାରିକ ସଙ୍କୀର୍ତ୍ତନ, ସଂପ୍ରଦା ଓ ଢୋଲ ନିଶାନର ତାଳେ ତାଳେ ଝୁମୀ ଉଠିଥିଲା ଗାଁ ଦାଣ୍ଡ। ସାମୂହିକ ଏକତାର ଏହିବିରଳ ପରମ୍ପରାରେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ। ଜିଲା ପରିଷଦ ଅଧ୍ୟକ୍ଷା ପ୍ରଧାନ ଝୁରିମାଲର ଏହି ମହାନ ପରମ୍ପରା କେବଳ ରାଜ୍ୟ ନୁହେଁ ଦେଶରେ ଏକ ଯୁଗାନ୍ତକାରୀ ଅଭିନବ ଉଦାହରଣ ବୋଲି କହିଥିଲେ। ବନଖଣ୍ଡ ଅଧିକାରୀ ମିରାସେ ଝୁରିମାଲର ନୂଆଁଖାଇ ନିଜର ବ୍ୟକ୍ତିଗତ ଜୀବନରେ ଏକ ଅଭୁଲା ସ୍ମୃତି ରହିବା ତଥା ଯେଉଁଠି ଥିଲେ ବି ସେ ଝୁରିମାଲର ନୂଆଁଖାଇରେ

## ଝୁରିମାଲ ଗାଁ ଦେଖାଇଲା ଭାଇଚାରା, ଏକତାର ଅନନ୍ୟ ଉଦାହରଣ

ଯୋଗଦେବାକୁ ଚେଷ୍ଟା କରିବେ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଉଦୀୟମାନ କଣ୍ଠଶିଳ୍ପୀ ମଧୁସ୍ମିତା ନାଏକ ଯୋଗଦେଇ ନୂଆଁଖାଇ ସଙ୍ଗୀତ, ଓଲିଉଡ ତାରକା ଶୁଭମ ନାଏକଙ୍କ ସଂଳାପ, ପ୍ରସିଦ୍ଧ ହାସ୍ୟ କଳାକାର କେଦାରନାଥ ପଟେଲ ଓ ମନୋରଞ୍ଜନ ପଟେଲଙ୍କ ଅଭିନୟ ବେଶ ମନଛୁଆଁ ହୋଇଥିଲା। ଏହାପରେ ଆରମ୍ଭ ହୋଇଥିଲା ସାମୂହିକ ନୂଆଁଖାଇର ଅଭିନବ ପରମ୍ପରା। ଗାଁ ଦାଣ୍ଡରେ ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷର ଧାଡିକୁ ଧାଡି ବସିଥିଲେ ସମସ୍ତ ଗ୍ରାମବାସୀ। ଆରମ୍ଭ ହୋଇଥିଲା ନବାହ୍ନ ସାଙ୍ଗକୁ ବିବିଧ ମିଷ୍ଟାନ୍ନ ବଣ୍ଟନ। ଗ୍ରାମର ସମୁଦାୟ ୧୬୩ଟି ପରିବାର ସାଙ୍ଗକୁ ପଡୋଶୀ ଗାଁର ହଜାର ହଜାର ଲୋକ ସାମିଲ ହୋଇ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥିଲେ ସାମୂହିକ ନୂଆଁଖାଇ। ଗାଁରେ ଏକତା, ସହଭାଗିତା ଓ ଭାଇଚାରାର ଏକ ବିରଳ ଦୃଷ୍ଟାନ୍ତ ଏହି ଗ୍ରାମରେ ଦେଖିବାକୁ ମିଳିଛି। ଦୀର୍ଘ ୧୧ ବର୍ଷ ଧରି ସାମୂହିକ ନୂଆଁଖାଇ ପାଳନ କରୁଛନ୍ତି ଏହି ଗ୍ରାମବାସୀ। ଏହା ପରେ ନୂଆଁଖାଇ ଭେଟ ଘାଟ ସାଙ୍ଗକୁ ବିଭିନ୍ନ ବିଲୁପ୍ତ ପ୍ରାୟ ଖେଳ ଯଥା:– ପୁଚି ଖେଳ, ଶଙ୍ଖ ଫୁକା, ହୁଳହୁଳି, ଚାମୁଚ ରେଶ, ରଶି ଡିଆଁ ଇତ୍ୟାଦିରେ ମଜ୍ଜି ଯାଇଥିଲେ ଗ୍ରାମବାସୀ। ଏହି ସାମୂହିକ ନୂଆଁଖାଇକୁ ଦେଶ ବିଦେଶରୁ ଅନେକ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇ ଏହି ପରମ୍ପରା ବଜାୟ ରଖିବାକୁ ଆହ୍ୱାନ ହେଇଥିଲେ। ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ଝୁରିମାଲ ବନ ସୁରକ୍ଷା ସମିତି, ଜୟ ବଜରଙ୍ଗ କ୍ଲବ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର କର୍ମକର୍ତ୍ତା ପରିଚାଳନା କରିଥିଲେ।





ନୂଆଁଖାଇ ପାଳନ ଅବସରରେ ଜୁନାଗଡ଼ ବ୍ଲକ ମଥୁରା ଗ୍ରାମର ଏକ ପରିବାରର ସଦସ୍ୟ ଏକାଠି ହୋଇଛନ୍ତି।



ଜୁନାଗଡ଼ ବ୍ଲକ ନୂଆଗୁଡ଼ା ଗ୍ରାମର ବ୍ରାହ୍ମଣପଡ଼ାରେ ଏକାଠି ପରିବାର ଲୋକେ ନୂଆଁଖାଉଛନ୍ତି।

# କଳାହାଣ୍ଡିରେ ଧୁମ୍‌ଧାମରେ ନୂଆଁଖାଇ ପାଳନ

**ଭବାନୀପାଟଣା/କେସିଙ୍ଗା/କର୍ଲାମୁଣ୍ଡା, ୨୦।୯(ଉତ୍ତମ କୁମାର ଦାଶ/ ତୁମେଶ୍ୱର ସାହୁ/ପ୍ରଦୀପ କୁମାର ସାହୁ)**

ପଶ୍ଚିମ ଓଡ଼ିଶାର ଗଣପର୍ବ ତଥା କୃଷିଭିତ୍ତିକ ନୂଆଁଖାଇ ବୁଧବାର କଳାହାଣ୍ଡି ଜିଲାରେ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଲଘୁଚାପଜନିତ ପ୍ରବଳ ବର୍ଷା ସତ୍ତ୍ୱେ ମଧ୍ୟ ଜିଲାବାସୀ ବେଶ୍ ଆନନ୍ଦଉଲ୍ଲାସର ସହ ପାଳନ କରିଛନ୍ତି। ଜୁନାଗଡ ଦଧିବାମନ ମନ୍ଦିରରେ ସକାଳ ୮ଟା ୨ରେ ନୂଆଁ ଲାଗିଲା ପରେ ସହରର ପ୍ରତ୍ୟେକ ବର୍ଗର ଲୋକେ ମହାପ୍ରଭୁଙ୍କୁ ଲାଗିଥିବା ନବାନ୍ନ ଭୋଗ ଘରକୁ ନେଇଥିଲେ। ସେହି ଭୋଗ ପୁଣି ନିଜ ଇଷ୍ଟଦେବୀଙ୍କୁ ସମର୍ପଣ କରି ସହପରିବାର ସହ ଏକତ୍ର ହୋଇ ନୂଆଁଖାଇଥିଲେ। ସେହିପରି ଗାଁରେ ମଧ୍ୟ ଆରାଧ୍ୟ ଦେବତାଙ୍କଠାରେ ନବାନ୍ନ ଲାଗିବା ପରେ ସେଠାରୁ ନବାନ୍ନ ନେଇ ନିଜ ଇଷ୍ଟଦେବୀଙ୍କୁ ସମର୍ପଣ କରି ଲୋକେ ନୂଆଁଖାଇଥିଲେ। ନୂଆଖାଇଁ ପାଇଁ ଚାରିଆଡେ ଚଳଚଞ୍ଚଳ ରହିଥିଲା। ନୂଆଖାଇଁର ଅନନ୍ୟ ପରମ୍ପରା ହେଉଛି ପରିବାରର ସମସ୍ତ ସଦସ୍ୟ ଏକାଠି ହେବା। ପରିବାର ସଦସ୍ୟ ଯିଏ ଯେଉଁଠି ଥିଲେ ବର୍ଷକୁ ଥରେ ଏହି ପର୍ବରେ ପରିବାର ସହିତ ସାମିଲ ହୋଇଥାନ୍ତି। ତେଣୁ ଏହାକୁ ଭାଇଚାରରା ପର୍ବ ମଧ୍ୟ କୁହାଯାଏ। ଛୋଟ ପିଲାଠୁ ବୁଢାବୁଢି ପର୍ଯ୍ୟନ୍ତ ସଭିଏଁ ଏକତ୍ର ବସି ନୂଆଁଖାଇବା। ପରିବାରର ମୁଖିଆ ଇଷ୍ଟଦେବୀ ତଥା ଅନ୍ୟାନ ଦିଅଁ ଦେବତାଙ୍କଠାରେ ନୂଆ ଅନ୍ନ ଅର୍ପଣ କରିବା ପରେ ସମସ୍ତଙ୍କୁ ବାଣ୍ଟିବା ପରମ୍ପରା ଏବେ ବି ଘରେ ଘରେ ବଞ୍ଚି ରହିଛି। ଏହି ପରମ୍ପରାର ନିଆରା ନିଦର୍ଶନ ଦେଖିବାକୁ ମିଳିଥିଲା ଜିଲାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ। ଗାଁରେ ଥିବା ବିଭିନ୍ନ ସମ୍ପ୍ରଦାୟର ଲୋକେ ଦଳବଦ୍ଧ ଭାବରେ ନୂଆଁଖାଇ ପାଳନ କରିଥିଲେ। ବିଶେଷକରି ଏଠାକାର ବ୍ରାହ୍ମଣ, ପାଇକ, ମେହେର, ବଙ୍କା, କୁମ୍ଭାର, ମାଳୀ, ହରିଜନ, ଲୋହରା, ଯାଦବ ବିଭିନ୍ନ ସମ୍ପ୍ରଦାୟର ଲୋକ ଏକାଠି ହୋଇ ଏହି ପର୍ବରେ ସାମିଲ ହୋଇ ଏକତ୍ରବସି ନୂଆଁ ଖାଇଛନ୍ତି। ହସଖୁସିରେ ବିତାଇ ଅନ୍ୟାମାନଙ୍କ ପାଇଁ ସେମାନେ ଉଦାହରଣର ଖୋରକ ଯୋଗାଇଛନ୍ତି। ନବାନ୍ନ ଭକ୍ଷଣ କରିଲା ପରେ ପ୍ରଥମେ ନିଜ ସମ୍ପ୍ରଦାୟର ବ୍ୟୟଜ୍ୟେଷ୍ଠ ଲୋକଙ୍କୁ ମୁଣ୍ଡିଆ ମାରି, ଜୁହାର କରିବା ପରେ ଗାଁ ଦାଣ୍ଡରେ ଗ୍ରାମବାସୀଙ୍କ ସହ ଜୁହାର

- **ପରମ୍ପରା ଆଗରେ ହାର ମାନିଲା ବର୍ଷା**
- **ପିଠାପଣାରେ ମହକିଲା ଗାଁ ଦାଣ୍ଡ**

ଭେଟ କରି ଦିଅଁ ଦର୍ଶନର ପରମ୍ପରା ରହିଥିବାରୁ ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ମନ୍ଦିର, ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଠାକୁର ଦର୍ଶନ ଅବସରରେ ପରିଚିତ ବ୍ୟକ୍ତିଙ୍କ ସହିତ ଜୁହାର ଭେଟ ଓ ଭାବର ଆଦାନ ପ୍ରଦାନ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିଥିବା ମନେ ହେଉଥିଲା। ନୂଆଁଖାଇ ଉପଲକ୍ଷେ ଗାଁଗାଁରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଚାଲିଛି। ସନ୍ଧ୍ୟାରେ ନୂଆଁଖାଇ ଭେଟଘାଟ ଅବସରରେ ନୃତ୍ୟ ପ୍ରତିଯୋଗିତା, ମେଲୋଡି, ସାମାଜିକ ନାଟକ ପ୍ରଭୃତି ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମରେ ଗାଁ ଦାଣ୍ଡ ଉଚ୍ଛୁଳୁଛି। ସବୁ ମତ ପାର୍ଥକ୍ୟ ଓ ବିଷାଦକୁ ଭୁଲି ଯୁବଗୋଷ୍ଠୀ ଗ୍ରାମବାସୀଙ୍କୁ ମନୋରଞ୍ଜନ ଦେବା ପାଇଁ ଲାଗି ପଡିଛନ୍ତି। କେସିଙ୍ଗା ବ୍ଲକରେ ନୂଆଁଖାଇ ବୁଧବାର ଧୁମଧାମରେ ପାଳିତ ହୋଇଯାଇଛି। ଗତ ମଙ୍ଗଳବାର ସକାଳୁ ଗ୍ରାମର ଯାନୀ ଓ ଗଣା ଘରକୁ ଘର ବୁଲି ଧରଣୀପୀଠରେ ପୂଜା କରିବା ପାଇଁ ଚାଉଳ ସଂଗ୍ରହ କରିଥିଲେ। ବୁଧବାର ସକାଳେ ପ୍ରତ୍ୟେକ ଘରେ ବିଭିନ୍ନ ପ୍ରକାର ପିଠା, ଖିରି, ନୂଆଁଧାନର ଚୁଡା ଘର ଇଷ୍ଟ ଦେବାଦେବୀଙ୍କୁ ନିକଟରେ ପୂଜାର୍ଚ୍ଚନା କରି ଏକାଠି ବସି, ନୂଆ ବସ୍ତ୍ର ପରିଧାନ କରି ପ୍ରତ୍ୟେକ ଘରେ ନୂଆଧାନର ଚୁଡା, କଦଳୀ, ବିଭିନ୍ନ ପ୍ରକାର ପ୍ରସ୍ତୁତ କରିଥିବା ବ୍ୟଞ୍ଜନ ଖାଇଥିଲେ। ବ୍ଲକର ବାଲସି ଗ୍ରାମର ସମସ୍ତ ନୂଆଁଖାଇ ଖାଇ ସାରି ଜଗନ୍ନାଥ ମନ୍ଦିରକୁ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ବଡ଼ବିଡ଼ିଆଙ୍କୁ ଛୋଟମାନେ ନୂଆଁଖାଇ ଜୁହାର କରିଥିଲେ। ଅପରାହ୍ନରେ ହାଣ୍ଡିଭଙ୍ଗା, ଖୋଖୋ ଇତ୍ୟାଦି ବିଭିନ୍ନ ସାଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ନୂଆଁଖାଇ ଧୁମଧାମରେ ପାଳିତ ହୋଇଯାଇଛି। କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତ ବାଞ୍ଜିପଦର ଓ ରେଗଡା ପଞ୍ଚାୟତ ବିଜାପାଟିଠାରେ ଗ୍ରାମବାସୀଙ୍କ ଉଦ୍ୟମରେ ଲୋକେ ଏକାଠି ବସି ସମସ୍ତେ ନବାନ୍ନ ଭକ୍ଷଣ କରିଥିଲେ। ବ୍ଲକର ରିଷିଡାଠାରେ ଜ୍ୟୋତିବିକାଶ ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅତିଥି ଭାବେ ଗ୍ରାମ ଉନ୍ନୟନ କମିଟି ସଭାପତି ନନ୍ଦକିଶୋର ରଣା, ପୂର୍ବତନ ସରପଞ୍ଚ ନାରାୟଣ ରଣା, ଅନ୍ତର୍ଯ୍ୟାମୀ ସାହୁ, ବାବା ଭଗବାନ ସାହୁ, ନାଥୁରାମ ରଣା, ମୋହନଲାଲ ରଣା, ରାଜକିଶୋର ଜୈନ, କମ୍ବୁପାଣି ସାହୁ ପ୍ରମୁଖ ଯୋଗଦେଇ ନୂଆଁଖାଇ ଏକତାର ପର୍ବ ବୋଲି କହିଥିଲେ। ଏଥିରେ ଯୁବକ ସଂଘ ସଭାପତି ଫକୀର ଚରଣ ସାହୁ, ସମ୍ପାଦକ ନରୋତ୍ତମ ସେଲମା, ଯୁଗ୍ମ ସମ୍ପାଦକ କୈଳାଶ ସାହୁ, ସଦସ୍ୟ ବେଲାର ପୁଟେଲ, ଭଜଶ୍ୟାମ ରଣା, ରଞ୍ଜନ ନାଏକ, ଲଳିତ ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସେହିପରି ବ୍ଲକର ଭୋଇରମୁଣ୍ଡା, ତେରେସିଙ୍ଗା, କୁର୍ଶୁର୍ଲା, ବିଜାପାଟି, ରିଞ୍ଜା, ଜାନୀପଡା ଆଦିଗ୍ରାମରେ ଗ୍ରାମବାସୀ ଏକତ୍ରିତ ହୋଇ ନୂଆଁଖାଇ ଭେଟ୍‌ଘାଟ୍ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



କେସିଙ୍ଗା ବ୍ଲକ ବାଲସି ଗ୍ରାମର ଯୁବ ଛାତ୍ରଙ୍କ ଦ୍ୱାରା ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ।



କର୍ଲାମୁଣ୍ଡା ବ୍ଲକ ବିଜାପାଟିଠାରେ ଆୟୋଜିତ ନୂଆଁଖାଇ ଭେଟଘାଟରେ ଅଂଶ ଗ୍ରହଣ କରିଥିବା ଗ୍ରାମବାସୀ।



କର୍ଲାମୁଣ୍ଡା ବ୍ଲକ ବିଜାପାଟିରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମହିଳାମାନେ।

# ୧୩ ଦିନରେ ଆନ୍ଦୋଳନ, ଧାରଣାସ୍ଥଳରେ ନୂଆଁଖାଇଲେ

**ଖଡ଼ିଆଳ,୨୦।୯(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ବିସ୍ଥାପିତମାନେ ସେମାନଙ୍କ ବକେୟା ଥଇଥାନ ଓ କଟଅପ ଡେଟକୁ ଘୁଞ୍ଚାଇବା ଦାବିରେ ଚାଲିଥିବା ଆନ୍ଦୋଳନ ୧୩ ଦିନରେ ପହଞ୍ଚିଛି। ଧାରଣାରେ ବସିଥିବା ବିସ୍ଥାପିତମାନେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଧାରଣାସ୍ଥଳରେ ପାଳନ କରି ନୂଆଁଖାଇଥିଲେ। ଅନ୍ୟପକ୍ଷରେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଓହରିବେ ନାହିଁ ବୋଲି ବିସ୍ଥାପିତ ସଚେତନ ମଞ୍ଚ ପ୍ରକାଶ କରିଛି। ସୂଚନା ଥାଉକି ଲୋୟର ଇନ୍ଦ୍ର ଜନସଚେତନ ମଞ୍ଚର ନେତୃତ୍ୱରେ ୩୦ଖଣ୍ଡ ଗାଁର ଶହ ଶହ ବିସ୍ଥାପିତ ଲୋକ ଖଡିଆଳଠାରେ ଏକତ୍ରିତ ହୋଇ ଗତ ସେପ୍ଟେମ୍ବର ୮ ତାରିଖଠାରୁ ଆନ୍ଦୋଳନ କରୁଛନ୍ତି। ଆନ୍ଦୋଳନକୁ ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଯୋଗଦାନ କରି ବିସ୍ଥାପିତମାନଙ୍କ ସହିତ ଆଲୋଚନା କରିଥିଲେ। ଜଳସେଚନ ବିଭାଗ ରାଜ୍ୟ ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମଞ୍ଚ ସଭାପତି ନିଳକଣ୍ଠ ପ୍ରଧାନ, ସମ୍ପାଦକ କିଶୋର କଠାର, ସହ ସମ୍ପାଦକ ତୁକାରାମ ସଗରିଆ, ଈଶ୍ୱର ନାୟକ, କରଣା କର ହୋତା, ରାଜେଶ କୁମାର କର, କିଶୋର ମାଝି, ମେଘ ପଟେଲ, ମଣ୍ଟୁ ଗୋଆଲ, ପ୍ରକାଶ ପଟେଲ, ତିରିତ ରାମ ରାଉତ, ବିକ୍ରମ ଆଡ଼ବଙ୍ଗ ସମେତ ବହୁ ସଂଖ୍ୟାରେ ବିସ୍ଥାପିତ ସାମିଲ ହୋଇଥିଲେ।

# ଲକ୍ଷ୍ମୀପୁର ବାରିକ ପରିବାର ପକ୍ଷରୁ ସାମୂହିକ ନୂଆଁଖାଇ

**ଖଡ଼ିଆଳ,୨୦।୯(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବରଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମରେ ବାରିକ ପରିବାର ପକ୍ଷରୁ ସାମୂହିକ ନୂଆଁଖାଇ ପାଳିତ ହୋଇଯାଇଛି। ପରିବାରର ପ୍ରାୟ ୭୦ଜଣ ଏକା ସାଙ୍ଗରେ ନବାନ୍ନ ଭକ୍ଷଣ କରିଥିଲେ। ପରିବାର ବୟୋଜ୍ୟେଷ୍ଠ ମକୁନ୍ଦଦେବ ବାରିକ, ଗିରିଧାରୀ ବାରିକ, ପ୍ରେମାନନ୍ଦ ବାରିକ, ଖଗେଶ୍ୱର ବାରିକ, କୋଦଣ୍ଡଧର ବାରିକ, ପରମେଶ୍ୱର ବାରିକ, ନାରାୟଣ ବାରିକ, ଗଙ୍ଗାଧର ବାରିକ, ଯୁଗେଶର ବାରିକ, ଭୋଜରାଜ ବାରିକଙ୍କ ସମେତ ପରିବାରବ ୭୦ଜଣ ସାମୁହିକ ନୂଆଁଖାଇ ଥିଲେ। ସେହିପରି ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ଦଣ୍ଡସେନା ପରିବାରର ଏକ ହଜାରରୁ ଅଧିକ ସଦସ୍ୟ କେଉଁ ଅନାଦି କାଳରୁ ଗୋଟିଏ ସ୍ଥାନରେ ନୂଆଁଖାଇ ପର୍ବ ପାଳନ କରି ଆସୁଛନ୍ତି। ଏହି ପର୍ବ ପାଳନ ପାଇଁ ଯେତେ ଦୁରେ ଥିଲେ ମଧ୍ୟ ନିଜ ଗ୍ରାମକୁ ଆସି ପରିବାରର ସମସ୍ତେ ଏକାଠି ହୋଇ ନୂଆଁଖାଇଥାନ୍ତି। ପ୍ରଥମେ ନୂତନ ଶସ୍ୟକୁ ପରିବାର ଇଷ୍ଟ ଦେବୀ ମା' ମଙ୍ଗଳାଙ୍କୁ ଅର୍ପଣ ପରେ ନୂଆଁ ଖାଇଥାନ୍ତି। ଦଣ୍ଡସେନା ପରିବାର




ବାରିକ ପରିବାର ସାମୂହିକ ନୂଆଁଖାଇ ପାଳନ କରୁଛନ୍ତି।

**ଏକ ସାଙ୍ଗରେ ହଜାରେ ପରିବାର ନୂଆଁଖାଇଲେ**

ଜିଲାର ସର୍ବବୃହତ୍ ପରିବାର ଭାବରେ ଗଣିତ। ବୁଧବାର ପ୍ରବଳ ବର୍ଷା ସତ୍ତ୍ୱେ ସମସ୍ତେ ଏକାଠି ହୋଇ ନୂଆଁଖାଇ ପର୍ବ ପାଳନ କରିଥିଲେ। ପରିବାର ବରିଷ୍ଠ ସଦସ୍ୟ ମା'ମାଟିବଙ୍କୁ ପୂଜା କରିବା ସହ ଶସ୍ୟକୁ ପୂଜା କରିଥାନ୍ତି। ପରେ ସେଠାରୁ ନୂଆଁ ଧାନର ଚୂଡା ଆଣି ଅଧିଷ୍ଠାତ୍ରୀ ଦେବାଙ୍କୁ ଭୋଗ କରି ମିଳିତ ରୂପେ ଖାଇଥାନ୍ତି। ବୟୋଜ୍ୟେଷ୍ଠମାନଙ୍କୁ କନିଷ୍ଠମାନେ ନୂଆଁଖାଇ ଜୁହାର କରି ଆଶୀର୍ବାଦ ଭିକ୍ଷା କରି ଭେଟଘାଟ ଉତ୍ସବ ଅନୁଷ୍ଠିତ ହୁଏ। ନୂଆଁଖାଇ ପରେ ଛାତ୍ରୀଛାତ୍ର, ଯୁବକମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ନିଜର ଖେଳ ପ୍ରଦର୍ଶନ କରିଥିବା ବେଳେ ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଶୋକ, ବୀରେନ୍ଦ୍ର, ରଞ୍ଜନ, ରାଜୁ, ଯୁଗଳ, ଆଶୁତୋଷ, ପିଙ୍କୁ, ସତ୍ୟମ, ସନ୍ତୋଷ, ପିଣ୍ଟୁଙ୍କ ସମେତ ସମସ୍ତ ଦଣ୍ଡସେନା ପରିବାର ସଦସ୍ୟମାନେ ସହଯୋଗ କରିଥିଲେ।

# ଦଣ୍ଡପାଟରେ ପାଳିତ ହେଲା ନୂଆଁଖାଇ

**ବେହେରା,୨୦।୯(ଭୁପେଶ ତିୱାରୀ)**

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳରେ ଆଡ଼ମ୍ବରରେ ନୂଆଁଖାଇ ପାଳନ ହୋଇଯାଇଛି। ସର୍ବପ୍ରଥମେ ଦଣ୍ଡପାଟ ଅଧିଷ୍ଠାତ୍ରୀ ଦେବୀ ଦନ୍ତେଶ୍ୱରୀଙ୍କୁ ନୂଆଁଧାନ ଓ ନବାନ୍ନ ଅର୍ପଣ କରି ଭାରତର ମଙ୍ଗଳ କାମନା ପୂର୍ବକ ପୂଜନ କରାଯାଇଥିଲା। ପୂଜାରୀମାନଙ୍କ ଦ୍ୱାରା ଏହା ପରେ ସର୍ବସାଧାରଣଙ୍କ ପାଇଁ ମନ୍ଦିର ସାରା ଦିନ ଖୋଲା ରହିଥିଲା। ଚାଷୀମାନେ ଖରା, ବର୍ଷା ଶୀତରେ ଅକ୍ଳାନ୍ତ ପରିଶ୍ରମ ସ୍ୱରୂପ ନିଜସ୍ୱ ଉପାର୍ଜିତ ଶସ୍ୟକୁ ପ୍ରଥମେ ନିଜ ଇଷ୍ଟଦେବତାଙ୍କ ପାଖରେ ଅର୍ପଣ କରି ଆଶିଷ ଭିକ୍ଷା କରିଥିଲେ। ପ୍ରକୃତିରାଣୀ ପାଖରେ କୃତଜ୍ଞତା ପୂର୍ବକ ନୂତନ ବସ୍ତ୍ର ପରିଧାନ କରିବା, ନୂତନ ମାଟି ହାଣ୍ଡିରେ ନୂଆଁ ଧାନକୁ ଭାଜି ପାରମ୍ପରିକ ଢେଙ୍କିରେ କୁଟି ଚୁଡା ପ୍ରସ୍ତୁତ କରିବା ସହିତ ଓଡ଼ିଶାର କୌଳିକ ବୃତ୍ତିକୁ ଅନାଦି କାଳରୁ ସମ୍ମାନ ଦେବା ଉତ୍ତରାଧିକାରୀ ଭାବରେ ନୂଆ କୁଲେଇ, କୁରେଇ ପତ୍ରରେ ଶୁଭଲଗ୍ନରେ ଇଷ୍ଟ ଦେବତା ପାଖରେ ଭୋଗ ଭାବେ ଅର୍ପଣ କରିବା ପରେ ଉକ୍ତ ପ୍ରସାଦ ନିଜ ପରିବାର ଆତ୍ମୀୟ ସ୍ୱଜନଙ୍କ ଗହଣରେ



ଦଣ୍ଡପାଟ ଧଅଁରପୁରଠାରେ ଗୋଟିଏ ପରିବାର ନବାନ୍ନ ଭକ୍ଷଣ କରୁଛନ୍ତି।

**ଭାରତର ମଙ୍ଗଳ କାମନା ପୂର୍ବକ ଦନ୍ତେଶ୍ୱରୀଙ୍କୁ ନବାନ୍ନ ଅର୍ପଣ କଲେ**

ସାମୂହିକ ସେବନ କରିଥିଲେ। ଗତ ଦିନରେ ନିଜ ଭିତରେ ହୋଇଥିବା ମତାନ୍ତର, ମନାନ୍ତ ଭୁଲି ସେମାନଙ୍କୁ କୋଳାଗ୍ରତ କରି ସବୁ ଭୁଲିଯିବା ର ପବିତ୍ର ଭାବାବେଗକୁ ସମ୍ମାନ ଦେବାର ପବିତ୍ର ପରମ୍ପରା ଏହି ନୂଆଁଖାଇ ବା ନବାନ୍ନ ଭକ୍ଷଣ ମହାପର୍ବରେ ଦେଖିବାକୁ ମିଳିଥିଲା। ବଞ୍ଚିଥିଲେ ଆଗାମୀ ବର୍ଷରେ ପୁଣି ଏକତ୍ରିତ ହୋଇ ନୂଆଁଖାଇକୁ ପାଳନ କରିବାର ପ୍ରତିଶ୍ରୁତି ତଥା ଆତ୍ମବିଶ୍ୱାସକୁ ପାଥେୟ କରି ବରିଷ୍ଠ, ଗୁରୁଜନ, ପିତାମାତାଙ୍କ ପାଦରେ ମୁଣ୍ଡିଆ ମାରି ତାଙ୍କ ଆଶିଷ କାମନା କରାଯାଇ ସାନମାନଙ୍କୁ ସ୍ନେହ ଶ୍ରଦ୍ଧା ଅଜାଡ଼ି ଦେବାର ସନାତନୀ ଭାବାବେଗର ପବିତ୍ର ପରମ୍ପରା ଏହି ନୂଆଖାଇ ଅବସରରେ ଦଣ୍ଡପାଟର ପ୍ରତ୍ୟେକ ଗ୍ରାମରେ ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ମହିଳା ସମିତିର ନୂତନ ଗୃହ ଉଦ୍‌ଘାଟିତ

ବରଗଡ଼,୨୦।୯(ପ୍ରେମାନନ୍ଦ ଖମାରୀ)– ବରଗଡ଼ ଷ୍ଟେଟ୍‌ବ୍ୟାଙ୍କ ପଛପଟେ ରହିଥିବା ଶୁଭଶ୍ରୀ ମହିଳା ସମିତିର ନୂତନ ଗୃହ ଲୋକାର୍ପିତ ହୋଇଛି। କାଉନସିଲର ଉମାଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳା ସମିତିର ଏହି ଗୃହକୁ ଉଦଘାଟନ କରିଥିଲେ। ବରଗଡ଼ ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ପୌରାଧ୍ୟକ୍ଷା କଳ୍ପନା ମାଝୀଙ୍କ ସମେତ ମହିଳା ସମିତିର କର୍ମକର୍ତ୍ତା, ସଦସ୍ୟବୃନ୍ଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାଉନସିଲର ରାଉତଙ୍କ ଉଦ୍ୟମକ୍ରମେ ବିଧାୟକ ଆଚାର୍ଯ୍ୟଙ୍କ ଅନୁଦାନ ପାଣ୍ଠିରୁ ୫ଲକ୍ଷ ୩୨ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ସମିତି ଗୃହ ନିର୍ମାଣ ହୋଇଛି।

### ନିଆରା ନୂଆଁଖାଇ, ଏକାଠି ନବାନ୍ନ ଭକ୍ଷଣ



ବରଗଡ଼,୨୦।୯(ପ୍ରେମାନନ୍ଦ ଖମାରୀ)– ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ରଙ୍ଗାଟିକ୍ରା ଗ୍ରାମବାସୀ ବୁଧବାର ନିଆରାଭାବେ ନୂଆଁଖାଇ ପାଳନ କରିଛନ୍ତି। ସମସ୍ତ ଗ୍ରାମବାସୀ ଭେଦଭାବ ଭୁଲି ନୂଆଁଖାଇ ସକାଳୁ ଗ୍ରାମଦାଣ୍ଡରେ ଏକତ୍ରିତ ହୋଇଥିଲେ। ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ନବାନ୍ନ ଭକ୍ଷଣ କରିଥିଲେ। ସେହିପରି ସମସ୍ତେ ଗୋଟିଏ ସ୍ଥାନରେ ଧାଡ଼ିରେ ବସି ନୂଆଁଖାଇ ଭୋଜିଭାତ ଖାଇଥିଲେ। ନବାନ୍ନ ଭକ୍ଷଣ ପରେ ସେମାନଙ୍କ ମଧ୍ୟରେ ଜୁହାର୍ ଭେଟ୍ ହୋଇଥିଲା। ସନ୍ଧ୍ୟାରେ ଗ୍ରାମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### ବାଉଁଶୁଣୀ ଥାନାର ନୂତନ ଆଇଆଇସି ଭାବେ ଅଞ୍ଜଳି ବିଶ୍ୱାଳଙ୍କ ଯୋଗଦାନ

ବାଉଁଶୁଣୀ,୨୦।୯(ଦେବାଶିଷ ନେପାକ): ବୌଦ୍ଧ ଜିଲାର ବାଉଁଶୁଣୀ ଥାନାରେ ନୂତନ ଆଇଆଇସି ଭାବେ ଅଞ୍ଜଳୀ ବିଶ୍ୱାଳ ସୋମବାର ଯୋଗଦାନ କରିଛନ୍ତି । ପ୍ରାୟ ୧ ବର୍ଷ ଧରି ବାଉଁଶୁଣୀ ଥାନାରେ ଆଇଆଇସି ପଦବୀ ଖାଲି ରହିଥିଲା । ଆଇଆଇସି ଥିବା ସୁବାଷ ଚନ୍ଦ୍ର ରାୟଗୁରୁ ବଦଳି ହେବା ପରେ ସବ ଇନ୍ସପେକ୍ଟର ସୁସ୍ମିତା ମଗର, ଅରୁଣ ସିଂ ଓ ବିକ୍ରମ ଦେହୁରୀ କିଛି ମାସ ଲେଖାଏ ଭାରପ୍ରାପ୍ତ ଅଧିକାରୀ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ଜିଲାର ବାଉଁଶୁଣୀ ଏକ ପ୍ରମୁଖ ଅଞ୍ଚଳ ହୋଇଥିବା ଦୃଷ୍ଟିରୁ ନୂତନ ଆଇଆଇସି ଭାବରେ ବିଶ୍ୱାଳ ଯୋଗଦାନ କରିବା ପରେ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି, ଅପରାଧ,ବାଉଁଶୁଣୀ ଛକର ପାଟ୍ରୋଲିଂ ଓ ଟ୍ରାଫିକ ସମସ୍ୟାରେ ସୁଧାର ଆସିବ ବୋଲି ଜନସାଧାରଣ ଆଶା କରିଛନ୍ତି।



ବିଲେଇବେର୍ଣ୍ଣା ଗ୍ରାମରେ ଇଷ୍ଟ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଉଛି ।



ବିଲେଇବେର୍ଣ୍ଣା ଗ୍ରାମରେ ନୂଆଁଖାଇ ଅବସରରେ ଜୁହାର୍ ଭେଟ୍ ।



ବରାହମୁଣ୍ଡା ସ୍କୁଲପଡ଼ାବାସୀ ଏକାଠି ନବାନ୍ନ ଭକ୍ଷଣ କରୁଛନ୍ତି ।

# ଏକତାର ନିଦର୍ଶନ ସାଜିଲା ସମୂହ ନୂଆଁଖାଇ

ବରଗଡ଼,୨୦।୯(ପ୍ରେମାନନ୍ଦ ଖମାରୀ)

ସାରା ପଶ୍ଚିମ ଓଡ଼ିଶାରେ ବୁଧବାର ନୂଆଁଖାଇ ପାଳିତ ହୋଇଛି। କୃଷିଭିତ୍ତିକ ଏହି ଗଣପର୍ବ ପାଳନ ପାଇଁ ଘରେଘରେ ସମସ୍ତ ପରିବାର ସଦସ୍ୟ ଏକାଠି ହୋଇ ନବାନ୍ନ ଭକ୍ଷଣ କରିଛନ୍ତି। ନବାନ୍ନ ଭକ୍ଷଣ ପରେ ଜୁହାର୍ ଭେଟ୍ ହୋଇଛନ୍ତି। ତେବେ ନୂଆଁଖାଇ କେବଳ ପରିବାର ମଧ୍ୟରେ ସୀମିତ ରହି ନାହିଁ। ବରଗଡ଼ ଜିଲାର ଏଭଳି ଅନେକ ଗ୍ରାମ ରହିଛି, ଯେଉଁଠି ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ଏକତା ଏବଂ ଭାଇଚାରାର ଏହି ପର୍ବ ପାଳନ କରିଛନ୍ତି। ଜିଲାର ଅତାବିରା ବ୍ଲକ ଅନ୍ତର୍ଗତ ଜହ୍ନାପଡ଼ା ପଞ୍ଚାୟତ ଅନ୍ତର୍ଗତ ବରାହମୁଣ୍ଡା ସ୍କୁଲପଡ଼ା, ଭେଡ଼େନ ବ୍ଲକ ଅନ୍ତର୍ଗତ ବିଲେଇବେର୍ଣ୍ଣା, ନୂଆଁଟିକ୍ରା, ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡା ସମଲେଇଟିକ୍ରାରେ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ନୂଆଁଖାଇ ପାଳନ କରି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିଛନ୍ତି।

ବରାହମୁଣ୍ଡା ସ୍କୁଲପଡ଼ାର ପ୍ରାୟ ୭୦ପରିବାର ଏକତ୍ରିତ ହୋଇଥିଲେ। ଗ୍ରାମର ଝାଙ୍କର ମା'ନନ୍ଦେଇ, ମା' ସମଲେଇ, ମା' କରମସାନୀ ମନ୍ଦିରରେ ନୂଆଁଧାନ ପୂଜକ ଲଗାଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସମସ୍ତ ପଡ଼ାବାସୀ ନବାନ୍ନ ଭକ୍ଷଣ ସହିତ ଜୁହାର୍ ଭେଟ୍ ହୋଇଥିଲେ। ରମେଶ ନାଗ, ରାଜେନ୍ଦ୍ର ଦୀପ, ଶଙ୍କର ନାଗ, ଗଜିନ୍ଦ୍ର ବାଗ, ଡାକ୍ତର ମହାନନ୍ଦ, ନିରୋଜ ଶିକା, ନରେନ୍ଦ୍ର ବାଗ, ପୁରନ୍ଦର ଲୁହା, ଶୁଭମ ମହାନନ୍ଦ, ଚିତ୍ତ କହ୍ନେଇ ପ୍ରମୁଖ ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ସରକଣ୍ଡା ସମଲେଇ ଟିକ୍ରାରେ ସମୂହ ନୂଆଁଖାଇ ପାଳନ କରାଯାଇଥିଲା। ଗ୍ରାମବାସୀ ଏକାଠି ହୋଇ ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ସମସ୍ତେ ଧାଡ଼ିରେ ବସି ନବାନ୍ନ ଭକ୍ଷଣ କରିଥିଲେ ଏବଂ ଭୋଜିଭାତର ଆସର ଜମିଥିଲା।

ତେବେ ଭେଡ଼େନ ବ୍ଲକ ଅନ୍ତର୍ଗତ ବିଲେଇବେର୍ଣ୍ଣା, ନୂଆଁଟିକ୍ରା ଗ୍ରାମରେ ପାଳିତ ସମୂହ ନୂଆଁଖାଇରେ ଏହି ପର୍ବ ପାଳନର ବାସ୍ତବତା ପରିସ୍ଫୁଟିତ ହୋଇଥିଲା। ଗ୍ରାମବାସୀ ନୂଆଁଖାଇ ପୂର୍ବରୁ ଘର ଲିପାପୋଛା ସହିତ ପ୍ରସ୍ତୁତି ବୈଠକ କରିଥିଲେ। ତଦନୁଯାୟୀ ଗ୍ରାମବାସୀ ଏକାଠି ହୋଇ ନୂଆଁଖାଇ ପାଳିଥିଲେ। ଗ୍ରାମର ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଇଷ୍ଟଦେବୀଙ୍କୁ ଭୋଗ ଲାଗି ହେବା ପରେ ସମସ୍ତ ଗ୍ରାମବାସୀ ନବାନ୍ନ ଭକ୍ଷଣ କରିଥିଲେ। ଏକାଠି ବସି ପରମ୍ପରା ଅନୁଯାୟୀ ଭୋଜିଭାତ ଖାଇଥିଲେ। ଏହା ସହିତ କବାଡ଼ି, ଛିକୋଲାଇ ଭଳି ଅବଲୁପ୍ତପ୍ରାୟ ଖେଳରେ ଗ୍ରାମର ଯୁବତୀ, ଯୁବକ ମସଗୁଲ ହୋଇଥିଲେ। ଏହା ସହିତ ଗ୍ରାମରେ ନାଚଗୀତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା।

## ନୃସିଂହନାଥରେ ନୂଆ ଖାଇଲେ ଭକ୍ତ



ନୃସିଂହନାଥ ମନ୍ଦିରରେ ଭକ୍ତମାନେ ଏକତ୍ର ଖାଉଛନ୍ତି।

ପାଇକମାଳ, ୨୦।୯(ବଡ ଶତପଥି)

ବରଗଡ ଜିଲା ନୃସିଂହନାଥ ମନ୍ଦିରରେ ମହାପ୍ରଭୁ ମାର୍ଜରକେଶରୀଙ୍କ ନିକଟରେ ବୁଧବାର ରୀତିନୀତି ଅନୁସାରେ ନବାନ୍ନ ଅର୍ପଣ କରାଯାଇଛି। ମନ୍ଦିର ସେବାୟତ ଓ ପୂଜକମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ପାର୍ଶ୍ୱ ଦେବାଦେବୀଙ୍କୁ ନିମନ୍ତ୍ରଣ ପରେ ନବାନ୍ନ ଅର୍ପଣ କରାଯାଇଥିଲା। ଏହା ପରେ ମନ୍ଦିର ପରିସରରେ ଗୋମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ହଜାର ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ। ପ୍ରବଳ ଭିଡକୁ ଦେଖି ମନ୍ଦିର ପ୍ରଶାସନ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଜଣାଇଛନ୍ତି ।

## ସଂକୀର୍ତ୍ତନରେ କଳାକାରଙ୍କୁ ଶ୍ରଦ୍ଧାଞ୍ଜଳି

ବରଗଡ଼,୨୦।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଖଲିଆପାଲି ନିବାସୀ ସଂକୀର୍ତ୍ତନ୍ୟ କଳାକାର ତଥା ମୃଦଙ୍ଗ ବାଦକ ସ୍ୱର୍ଗତ ନିରଞ୍ଜନ ଭୁଏଙ୍କୁ ନିଆରାଭାବେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କ୍ରମରେ ବରଗଡ଼ ଜିଲା ସଂକୀର୍ତ୍ତନ୍ୟ ପରିଷଦ ଆନୁକୂଲ୍ୟରେ ସଂକୀର୍ତ୍ତନ୍ୟ ପରିବେଷଣ କରି ସ୍ୱର୍ଗତ ଭୁଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଂକୀର୍ତ୍ତନ୍ୟ ସଂସ୍କୃତି ସୁରକ୍ଷା ପରିଷଦର ଉପଦେଷ୍ଟା ଲଳିତ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ଗାୟକ ନୀଳ ଦେବତା, ରାମଚନ୍ଦ୍ର ସାହୁ, ବାଦକ ସୁଶିଲ ଠାକୁର, ମନୋଜ ଖମାରୀ, ରଞ୍ଜିତ ବାବୁ, ଅରୁଣ ପାତ୍ର, ଜୟନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ୍ୟ କଳାକାର ଯୋଗଦାନ କରିଥିଲେ।

## ବୃକ୍ଷରୋପଣ କରି ସୃଷ୍ଟି କଲେ ସଚେତନତା



ଅତିଥିମାନେ ବୃକ୍ଷରୋପଣ କରୁଛନ୍ତି।

### ସଚେତନ ହେମା ଅନୁଷ୍ଠାନରେ ନିଆରା ନୂଆଁଖାଇ

ପଦ୍ମପୁର, ୨୦।୯(ପ୍ରଦୀପ୍ତ ଦାଶ)

ବରଗଡ ଜିଲା ପଦ୍ମପୁର ବ୍ଲକ ଢୋଲବନ୍ଧ ସଚେତନ ହେମା ନାଟ୍ୟ ଅନୁଷ୍ଠାନ ତରଫରୁ ନୂଆଁଖାଇ ପାଳିତ ହୋଇଯାଇଛି। ମା' ସମଲେଇ, ଢୋଲବନ୍ଧିଏନ, ବୁଢାରଜା, ଚଣ୍ଡୀ ସମଲେଇଙ୍କଠାରେ ନୂଆ ଲାଗିବା ପରେ ଜୁହାର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବୃକ୍ଷରୋପଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଶିଳ୍ପୀ ଅନୁବ୍ରତ ସାହୁ ଯୋଗଦେଇଥିଲେ। ଧର୍ମେନ୍ଦ୍ର ସାହୁ ସ୍ୱରଚିତ କବିତା ପାଠ କରିଥିଲେ। ରାଜକୁମାର ସାହୁ ନୂଆଁଖାଇର ମହିମା ବର୍ଣ୍ଣନା କରିଥିଲେ। ଅତିଥି ବିଜୟ ସ୍ୱାଇଁ ବୃକ୍ଷରୋପଣ କରିଥିଲେ। ଘନଶ୍ୟାମ ସାହୁଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୁଳମଣି ପଶାୟତ, ମହେନ୍ଦ୍ର ସାହୁ, ରବୀନ୍ଦ୍ର ସାହୁ, ଗିରୀଶ ସାହୁ, ଆଦର୍ଶ ସାହୁ, ଆରାଧ୍ୟ ସାହୁ, ରସିକ ବରିହା, ଜୟନ୍ତ ସାହୁ, ହେମନ୍ତ ମହାକୁର ପ୍ରମୁଖ ସହଯୋଗ କରିଥିଲେ।

## କୁଷ୍ଠାଶ୍ରମ ଅନ୍ତେବାସୀ ପାଳିଲେ ନୂଆଁଖାଇ

ବରଗଡ଼,୨୦।୯(ପ୍ରେମାନନ୍ଦ ଖମାରୀ)



ବୁଧବାର ଥିଲା ନୂଆଁଖାଇ। ପଶ୍ଚିମ ଓଡ଼ିଶାର ଘରେ ଘରେ ଏହି ପର୍ବ ପାଳିତ ହୋଇଛି। ଏକତା, ଭାଇଚାରାର ପର୍ବ ନୂଆଁଖାଇ ପାଳନ ପାଇଁ ଦୂର ଦୂରାନ୍ତରରେ ରହିଥିବା ଲୋକେ ଘରକୁ ଫେରି ଏହି ପର୍ବ ପାଳନ କରିଛନ୍ତି । କିନ୍ତୁ କୁଷ୍ଠରୋଗରେ ଆକ୍ରାନ୍ତ ହେବା ପରଠାରୁ ଘରଛାଡ଼ି କୁଷ୍ଠାଶ୍ରମରେ ଆଶ୍ରିତ ଲୋକେ ନିଜ ଘରକୁ ଫେରି ନାହାନ୍ତି। ତଥାପି ନୂଆଁଖାଇର ପରମ୍ପରା, ରୀତିନୀତିକୁ ସେମାନେ ଭୁଲି ନାହାନ୍ତି। ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଝାଇଁଜୋର କୁଷ୍ଠାଶ୍ରମ ଅନ୍ତେବାସୀ ବୁଧବାର ପାରମ୍ପାରିକ ରୀତିନୀତିରେ ନୂଆଁଖାଇ ପାଳନ କରିଛନ୍ତି। ନବାନ୍ନ ଭକ୍ଷଣ ସହିତ ସମସ୍ତ ଅନ୍ତେବାସୀ ଏକତ୍ରିତ ହୋଇ ନବାନ୍ନ ଭକ୍ଷଣ କରିଛନ୍ତି। ତେବେ ଅନ୍ତେବାସୀଙ୍କ ମୁହଁରେ ହସ ଫୁଟାଇବା ପାଇଁ ନୂଆଁଖାଇ ପୂର୍ବଦିନ ବରଗଡ଼ର ସାମାଜିକ ଅନୁଷ୍ଠାନ ଜନକଲ୍ୟାଣ ସେବା ଟ୍ରଷ୍ଟ ଆଗେଇ ଆସିଥିଲା । କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ନୂଆଁଖାଇ ଅଡ଼ିଆ ସ୍ୱରୂପ ନୂତନ ବସ୍ତ୍ର ସମେତ ଚାଉଳ, ରାଶନ ସାମଗ୍ରୀ ଆଦି ଏହି ଅନୁଷ୍ଠାନ ପ୍ରଦାନ କରାଯାଇଥିଲା। ଜନ କଲ୍ୟାଣ ସେବା ଟ୍ରଷ୍ଟର ସଭାପତି ମୁକୁନ୍ଦ ଦାଶ, ଉପଦେଷ୍ଟା ଦିବାକର ପ୍ରଧାନ, ପରେଶ କୁମାର ମେହେର, ଶିବାନନ୍ଦ ମଟାରୀ, ଡଃ ଅଜିତ କୁମାର ନାଥ, ବିରେନ୍ଦ୍ର ପ୍ରତାପ ସାହୁ, ଶ୍ୟାମ ମେହେର, ସନ୍ତୋଷ କୁମାର ଦାଶ, ସଞ୍ଜୟ ଦାଶ, ଦୟାନିଧି ପ୍ରଧାନ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଅନୁରୂପଭାବେ ଅତାବିରା ବ୍ଲକ ଅନ୍ତର୍ଗତ ଟିଙ୍ଗିପାଲି ଏବଂ ଲୁରୁପାଲି ଗ୍ରାମର ଅସହାୟ ପରିବାରଙ୍କୁ ମଧ୍ୟ ଜନ କଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ନୂଆଁଖାଇ ଅଡ଼ିଆ ପ୍ରଦାନ କରାଯାଇଥିଲା ।

## ୧୩ ଦିନରେ ଆନ୍ଦୋଳନ, ଧାରଣାସ୍ଥଳରେ ନୂଆଖାଇଲେ

ଖଡ଼ିଆଳ,୨୦।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ବିସ୍ଥାପିତମାନେ ସେମାନଙ୍କ ବକେୟା ଥଇଥାନ ଓ କଟଅପ ଡେଟକୁ ଘୁଞ୍ଚାଇବା ଦାବିରେ ଚାଲିଥିବା ଆନ୍ଦୋଳନ ୧୩ ଦିନରେ ପହଞ୍ଚିଛି। ଧାରଣାରେ ବସିଥିବା ବିସ୍ଥାପିତମାନେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଧାରଣାସ୍ଥଳରେ ପାଳନ କରି ନୂଆଁଖାଇଥିଲେ। ଅନ୍ୟପକ୍ଷରେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଓହରିବେ ନାହିଁ ବୋଲି ବିସ୍ଥାପିତ ସଚେତନ ମଞ୍ଚ ପ୍ରକାଶ କରିଛି। ସୂଚନା ଥାଉକି ଲୋୟର ଇନ୍ଦ୍ର ଜନସଚେତନ ମଞ୍ଚର ନେତୃତ୍ୱରେ ୩୦ଖଣ୍ଡ ଗାଁର ଶହ ଶହ ବିସ୍ଥାପିତ ଲୋକ ଖଡିଆଳଠାରେ ଏକତ୍ରିତ ହୋଇ ଗତ ସେପ୍ଟେମ୍ବର ୮ ତାରିଖଠାରୁ ଆନ୍ଦୋଳନ କରୁଛନ୍ତି।

## ଗୀତର ଗଜରା ଉନ୍ମୋଚିତ

ବରଗଡ଼,୨୦।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଝଙ୍କାର ଷ୍ଟୁଡ଼ିଓ ପରିସରରେ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଛି। ଗୀତିକାର ଡ. ରବିନାରାୟଣ ସାହୁଙ୍କ ଦ୍ୱାରା ରଚିତ ପୁସ୍ତକ ଗୀତର ଗଜରାକୁ ଉକ୍ତ କାର୍ଯ୍ୟକ୍ରମରେ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ନବ ମହନ୍ତମ, ସନ୍ଦୀପ ମହାପାତ୍ର, ବୁଦ୍ଧଦେବ ବାରିକ, ପଣ୍ଡିତ ଗୋପବନ୍ଧୁ ପୁରୋହିତ, ଝଙ୍କାର ଷ୍ଟୁଡ଼ିଓର ସତ୍ତ୍ୱାଧିକାରୀ ପ୍ରବୀର ପୁରୋହିତ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବହୁ ସାହିତ୍ୟିକ,କବି ଉପସ୍ଥିତ ଥିଲେ।



ଗୀତର ଗଜରା ପୁସ୍ତକଙ୍କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

## ନୂଆଦିଲ୍ଲୀରେ ନୂଆଁଖାଇ

ବରଗଡ଼,୨୦।୯(ପ୍ରେମାନନ୍ଦ ଖମାରୀ)

କୃଷିଭିତ୍ତିକ ମହାନ ଗଣପର୍ବ ନୂଆଁଖାଇ ବୁଧବାର ପଶ୍ଚିମ ଓଡ଼ିଶାର ଘରେଘରେ ପାଳନ କରାଯାଇଛି। ତେବେ ଯେଉଁମାନେ ରାଜ୍ୟ ବାହାରେ ଚାକିରି କରୁଛନ୍ତି କିମ୍ବା କାର୍ଯ୍ୟବ୍ୟସ୍ତତା ଯୋଗୁ ଘରକୁ ଫେରି ପାରିନାହାନ୍ତି, ସେମାନେ ମଧ୍ୟ ଏହି ପର୍ବର ମହାନତାକୁ ଭୁଲି ପାରି ନାହାନ୍ତି। ଏହି କ୍ରମରେ ନୂଆଦିଲ୍ଲୀରେ ଅବସ୍ଥାନ କରୁଥିବା ପ୍ରବାସୀ ଓଡ଼ିଆମାନେ ନୂଆଁଖାଇ ପାଳନ କରିଛନ୍ତି। ନୂଆଁଦିଲ୍ଲୀର ହାଉସଖାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଜୁହାର୍ ପରିବାର ଏବଂ ମିଳନ ପରିବାରର ମିଳିତ ଆନୁକୂଲ୍ୟରେ ନୂଆଁଖାଇ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ସଙ୍ଗୀତା ସିଂଦେଓ, ସୁରେଶ ପୂଜାରୀ, ବସନ୍ତ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ। ପରମ୍ପରା ଅନୁଯାୟୀ, ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହୋଇଥିଲା। ଏହାପରେ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଜନତା ନବାନ୍ନ ଭକ୍ଷଣ ସହିତ ଭୋଜିଭାତ ଖାଇଥିଲେ ଏବଂ ଜୁହାର୍ ଭେଟ୍ ହୋଇଥିଲେ। ସେହିପରି ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିଥିବୃନ୍ଦ ନୂଆଁଖାଇର ମହାନତା ଉପରେ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଜୁହାର୍ ପରିବାର, ମିଳନ ପରିବାର ସମସ୍ତ ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ନୂଆଦିଲ୍ଲୀରେ ନୂଆଁଖାଇ ପାଳନ କରାଯାଉଛି।



ଆରଣ୍ୟକ ମଞ୍ଚଠାରେ ଆୟୋଜିତ ନୂଆଁଖାଇ ଭେଟଘାଟରେ ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।



ଓଡ଼ିଶା ସାଂସ୍କୃତିକ ସମାଜ ଆୟୋଜିତ ନୂଆଁଖାଇ ଭେଟଘାଟରେ ନୂଆଁଖାଇ ଜୁହାର କାର୍ଯ୍ୟକ୍ରମ।

# ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ

## ସଂଜ୍ଞାହୀନ ଅବସ୍ଥାରେ ମହିଳା ଉଦ୍ଧାର

**କୁଚିଣ୍ଡା,୨୦।୯(ବିରଞ୍ଚି ଦର୍କା)**

କୁଚିଣ୍ଡା ଥାନା ଅନ୍ତର୍ଗତ ଲଇଡାଗୁଣା (ଗୌଡପଡା) ଛକ ନିକଟ ଜଙ୍ଗଲରୁ ବୁଧବାର ସକାଳେ ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରିଛି। ମୃତବ୍ୟକ୍ତିଙ୍କ ପାଖରେ ସଂଜ୍ଞାହୀନ ଅବସ୍ଥାରେ ପଡିଥିବା ଅନ୍ୟ ଜଣେ ମହିଳାଙ୍କୁ ମଧ୍ୟ ପୋଲିସ ଉଦ୍ଧାର କରି କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରିଛି। ଉଭୟଙ୍କ ପରିଚୟ ମିଳି ନ ଥିବାରୁ ସେମାନେ କେଉଁ ପରିସ୍ଥିତିରେ ଏଠାକୁ ଆସିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମହିଳା ଜଣକ ସୁସ୍ଥ ହେଲେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୧/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଇଛି।

ସୂଚନା ଅନୁଯାୟୀ ବୁଧବାର ନୂଆଁଖାଇ ଥିବାରୁ ଲଇଡାଗୁଣା ଗ୍ରାମର ଲୋକେ ପତ୍ର ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିଲେ। ଲଇଡାଗୁଣା ଛକ ନିକଟ ଜଙ୍ଗଲରେ ପୁରୁଷଙ୍କ ମୃତଦେହ ଓ ଜଣେ ମହିଳା ପଡିରହିଥିବା ଦେଖି କୁଚିଣ୍ଡା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବାରେ ମହିଳା ଜଣକ ଜୀବିତ ଥିବା ଜଣାପଡିଥିଲା। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କୁଚିଣ୍ଡା ଡାକ୍ତରଖାନାକୁ ପଠାଯାଇଥିଲା। ପୁରୁଷ ବ୍ୟକ୍ତିଙ୍କ ମୃତଦେହ ଫୁଲିଯାଇ ଦୁର୍ଗନ୍ଧ ବାହାରୁଥିବାରୁ ୨/୩ଦିନ ପୂର୍ବରୁ ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରୁଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା ହେଉଥିବାବେଳେ ମହିଳାଙ୍କ ଚେତା ଫେରିଲେ ପ୍ରକୃତ କାରଣ ଜଣାପଡିବ ବୋଲି ମାମଲାର ତଦନ୍ତ କରୁଥିବା କୁଚିଣ୍ଡା ଥାନା ସବ୍‌ଇନ୍ସପେକ୍ଟର ଶୁଭଲକ୍ଷ୍ମୀ ସେଠୀ କହିଛନ୍ତି।

# ଉତ୍ସାହରେ ପାଳିଲେ ନୂଆଁଖାଇ | ଲୋକନୃତ୍ୟରେ ଦୁଲୁକିଲା ମଞ୍ଚ

**ସମ୍ବଲପୁର,୨୦।୯(ଶୁଭାଶିଷ ପାଢ଼ୀ)**

କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପଶ୍ଚିମ ଓଡିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ବୁଧବାର ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ ଉତ୍ସବରେ ଅତିଥିମାନେ ଏହି ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁରୀ ଲୋକଗୀତ, ଲୋକନୃତ୍ୟ, ଲୋକବାଦ୍ୟରେ ସୁସଜ୍ଜିତ ମଞ୍ଚ ଦୁଲିକି ଉଠିଥିଲା। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବରିଷ୍ଠ ଓ କନିଷ୍ଠ କଳାକାରମାନେ ରସରକେଲି, ମାଏଲାଜଡ଼, ଡାଲଖାଇ, ଚୁଟକୁଚୁଟା ପ୍ରଭୃତି ନୃତ୍ୟରେ ଦର୍ଶକ ବିମୋହିତ ହୋଇ ଉଠିଥିଲେ। ନୂଆଁଖାଇ ପାଇଁ ସ୍ୱତନ୍ତ୍ର ଗୀତ ଆସର ହୋଇଥିଲା। ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଝାଡୁଆପଡା ଆରଣ୍ୟକ ସମାଜ ଭବନରେ ଭେଟ୍‌ଘାଟ ପାଳନ ହୋଇଥିଲା। ସଭାପତି ଅଶୋକ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଚାଷ କାଯର୍ୟରେ ସଫଳ ହୋଇଥିବା ମହିଳା ଚାଷୀ ଶଙ୍ଖଜିନୀ ପ୍ରଧାନଙ୍କୁ ସଫଳ ଚାଷୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଡାକ୍ତର ନାରାୟଣୀ ପଣ୍ଡାଙ୍କୁ ସୁଚିକିତ୍ସକ ଭାବେ ସମ୍ମାନିତ କରାଯାଇଥିଲା। ଅଶୋକ ପ୍ରଧାନଙ୍କ ସଂଯୋଜନାରେ ସର୍ବଧର୍ମ ପ୍ରାର୍ଥନା ସଭା ହୋଇଥିଲା। ଉପସଭାପତି ସୂର୍ଯ୍ୟ ପାଣିଗ୍ରାହୀ ମାନପତ୍ର ପାଠ ଓ ଶିବନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସୁରେଖା ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ସମଲେଶ୍ୱରୀ ଯୁବକ ସଂଘ ଆୟୋଜନରେ ସମଲେଇ ମଣ୍ଡପଠାରେ ନୂଆଁଖାଇ ଭେଟ୍‌ଘାଟ ହୋଇଥିଲା। ସଂସ୍କୃତି ଗବେଷକ ଡ. ଶ୍ୟାମ ସୁନ୍ଦର ଧର ସଂଯୋଜନା କରିଥିଲେ। ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ଡ. ଅଶୋକ ଦାସ, ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ଡ. ନିମେଇ ପଣ୍ଡା ଉପସ୍ଥିତ ଥିଲେ। କହର ସାଂସ୍କୃତିକ ଅନୁଷ୍ଠାନ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ବାଗଙ୍କ ପରିଚାଳନାରେ ନୃତ୍ୟଗୀତ ଆସର ହୋଇଥିଲା। ଚିତ୍ରୋତ୍ପଳା ଯୁବକ ସଂଘ ଓ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦ ଆୟୋଜନରେ ନନ୍ଦପଡ଼ା କଲ୍ୟାଣ ମଣ୍ଡପଠାରେ କାର୍ଯ୍ୟକ୍ରମ ହୋଇଥିଲା। ଚିତ୍ରୋତ୍ପଳା ଯୁବକ ସଂଘ ସଭାପତି ଜିତେନ୍ଦ୍ର ନନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, କଣ୍ଠଶିଳ୍ପୀ ବିଭୁତି ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ପ୍ରଭୁଦତ୍ତ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ସୁସ୍ମିତ ମିଶ୍ର ଧନ୍ୟବାଦ ଦେଇଥିଲେ। ରାମାଶିଷ ତ୍ରିପାଠୀ, ମାନସ ରଥ, ଶିବ ମିଶ୍ର ସଂଯୋଜନା କରିଥିଲେ।



ନୂଆଁଖାଇ ଭେଟଘାଟରେ ସଫଳ ଚାଷୀ ଓ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ନୂଆଁଖାଇ ଭେଟ୍‌ଘାଟ ଫୁଟ୍‌ବଲ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳି।

**ବ୍ରଜରାଜନଗର,୨୦।୯(ବିଜୟ ବରାଡ଼)**

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ରାଜପୁର ପଞ୍ଚାୟତ ଅନ୍ତର୍ଗତ ଆର୍‌କଣ୍ଟାପାଲି ପଡିଆରେ ଚାଲିଥିବା ୨୮ତମ ନୂଆଖାଇ ଭେଟ୍‌ଘାଟ ଫୁଟ୍‌ବଲ ପ୍ରତିଯୋଗତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ରାଜପୁର ଏକାଦଶ ଓ ସୁନ୍ଦରଗଡ଼ର ତ୍ରିସା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତ୍ରିସା ଏକାଦଶ ୩ଗୋଲ ଦେଇ ବିଜୟୀ ହୋଇଥିଲା। ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ନଗଦ ୨୫ହଜାର ରାଶି ସହ ଟ୍ରଫି ଓ ଉପବିଜେତା ଦଳକୁ ୧୮ହଜାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ୧୦ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ବ୍ରଜରାଜନଗରର ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ, ବିଜେଡି ଝାରସୁଗୁଡା ସମ୍ପାଦକବିଶ୍ୱନାଥ ନାୟକ, ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ତ୍ରିଦିବସୀୟ ଫୁଟ୍‌ବଲ: ପାଲୁଣିପଡ଼ା ଚାମ୍ପିୟନ



ଫାଇନାଲ ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

**ଦେବଗଡ଼,୨୦।୯(ଶଶାଙ୍କ ଶେଖର ଝାଙ୍କର )**

ଦେବଗଡ ଜିଲା ତିଲେଇବଣି ବ୍ଲକ ଦୁଧିଆନାଳି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡଗୋହୀରା ଗ୍ରାମରେ ଜଗାକାଳିଆ ଯୁବକ ସଂଘ ଆନୁକୂଲ୍ୟରେ ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଦୁଧିଆନାଳି ଫୁଟବଲ ଦଳକୁ ପରାସ୍ତ କରି ପାଲୁଣିପଡା ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ପ୍ରଶାନ୍ତ ମୁଣ୍ଡା, ସୁବାସ ନାୟକ ଓ ଇନ୍ଦ୍ରମଣି ସାହୁ ପରିଚାଳନା କରିଥିଲେ। ଆୟୋଜକ ଜଗାକାଳିଆ ଯୁବକ ସଂଘ ସଭାପତି ଜଗଦୀଶ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଦୁଧିଆନାଳି ଗ୍ରାମ ପଞ୍ଚାୟତ ସରପଞ୍ଚ ଉଦିତ କୁମାର ନାୟକ, ଦୁଧିଆନାଳି ସେବା ସମବାୟ ସମିତି ସଭାପତି ମହେଶ୍ୱର ପ୍ରଧାନ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ ଅନୁଷ୍ଠାନ ସମ୍ପାଦକ ସୌଦାଗର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଯୁବକ ସଂଘ କୋଷାଧ୍ୟକ୍ଷ ନିରଞ୍ଜନ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବ୍ରଜରାଜନଗରରେ ସୁଦୃଢ଼ ହେଉଛି ବିଜେଡି

**ବ୍ରଜରାଜନଗର,୨୦।୯(ବିଜୟ ବରାଡ଼)**

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ଧୀରେ ଧୀରେ ସୁଦୃଢ ହେବାରେ ଲାଗିଛି। ଏହି ବିଧାନସଭା କ୍ଷେତ୍ରରେ ବିଜେଡି କର୍ମୀମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଛି ବୋଲି ଚର୍ଚ୍ଚା ହେଉଥିବାବେଳେ ଏ ଖବରକୁ ଖଣ୍ଡନ କରିଛନ୍ତି ବିଧାୟିକା ଅଳକା ମହାନ୍ତି। ତାଙ୍କ ମତରେ ଦଳ ପୂର୍ବରୁ ଯେଉଭଳି ସଙ୍ଗଠିତ ଥିଲା ଏବେ ତା'ଠାରୁ ଅଧିକ ସୁଦୃଢ ହେବାରେ ଲାଗିଛି। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟ ସାଧାରଣ ଭୋଟରଙ୍କ ମନକୁ ଛୁଇଁଛି। ତେଣୁ ସେମାନେ ସ୍ୱତଃପ୍ରବୃତ୍ତ ଭାବେ ଦଳ ପ୍ରତି ଆକୃଷ୍ଟ ହେଉଛନ୍ତି। ସ୍ୱର୍ଗତ କିଶୋର ମହାନ୍ତି ସକ୍ରିୟ ରାଜନୀତିରେ ଥିବା ସମୟରେ ବ୍ରଜରାଜନଗରଠାରୁ ଆରମ୍ଭ କରି ଲଖନପୁର ବ୍ଲକ ପର୍ଯ୍ୟନ୍ତ ବିକାଶର ଏକ ନକ୍ସା ପ୍ରସ୍ତୁତ କରି ଜନତାଙ୍କ ସେବା କରୁଥିଲେ। ଯେଉଁମାନଙ୍କ ପରିଚୟ କିଶୋର ମହାନ୍ତିଙ୍କ ଦ୍ୱାରା ତିଆରି ହୋଇଛି ସେମାନେ ଅପପ୍ରଚାର କରି ଦଳରେ ଫାଟ ସୃଷ୍ଟି ହୋଇଛି ବୋଲି ପ୍ରଚାର କରୁଛନ୍ତି। ହେଲେ ବର୍ତ୍ତମାନ ସେ ପରିସ୍ଥିତି ନାହିଁ। ସାଧାରଣ ଜନତା ସିଧାସଳଖ ବିଧାୟିକଙ୍କୁ ଭେଟି ସେମାନଙ୍କ ସମସ୍ୟା ସମାଧାନ କରିପାରୁଛନ୍ତି। ଆଗାମୀ ନିର୍ବାଚନ ବିଜୁ ଜନତା ଦଳ ପାଇଁ ଶୁଭଙ୍କର ହେବ ବୋଲି ବିଧାୟିକା ଦୃଢ ଆଶା ପ୍ରକାଶ କରିଛନ୍ତି।

# ଦେବଗଡ଼ ଗଣେଶ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଦେବଗଡ, ୨୦।୯(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଗଣେଶ ମେଳାର ବୁଧବାର ଥିଲା ଦ୍ୱିତୀୟ ଦିବସ। ବର୍ଷା ସତ୍ତ୍ୱେ ମଧ୍ୟ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ସହରର ବିଭିନ୍ନ ଅଞ୍ଚଳ ରଙ୍ଗୀନ ଆଲୋକମାଳାରେ ଝଲସୁଥିବାବେଳେ ପଡିଥିବା ମୀନାବଜାର, ଦୋଳି, ବିଭିନ୍ନ ଘରକରଣା ସାମଗ୍ରୀ ସହ ବିଭିନ୍ନ ପ୍ରକାର ଚଟପଟା ଖାଦ୍ୟର ମଜା ନେଇଥିଲେ ଶ୍ରଦ୍ଧାଳୁ। ସାର୍ବଜନୀନ ଗଣେଶ ମେଳା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ମନଜିଣିବା ପାଇଁ ପ୍ରତ୍ୟହ ସନ୍ଧ୍ୟାରେ ଗୋପବନ୍ଧୁ ଛକ ସ୍ଥିତ ଅସ୍ଥାୟୀ ସାଂସ୍କୃତିକ ମଣ୍ଡପଠାରେ ଅର୍କେଷ୍ଟ୍ରା ଓ ଭଜନ ସମାରୋହ ଭଳି ଆକର୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରୁଛି। ରାଜା ବାସୁଦେବ ହାଇସ୍କୁଲ ଖେଳ ପଡିଆ, ଗୋହିରି ବନ୍ଧ ସମ୍ମୁଖ, ଦୈନିକ ବଜାର ସମ୍ମୁଖ, ଟାଉନହଲ ସମେତ ସହରର ବିଭିନ୍ନ ସ୍ଥାନରେ ପଡିଥିବା ସ୍ୱତନ୍ତ୍ର ବଜାର ସାଙ୍ଗକୁ ସୁନ୍ଦର ପ୍ଲାଷ୍ଟିକ ଫୁଲ ଓ ଆକର୍ଷଣୀୟ ଖେଳନା ବଜାର ସମସ୍ତ ବର୍ଗର ଲୋକଙ୍କୁ ଆକର୍ଷିତ କରୁଛି। ସନ୍ଧ୍ୟାରେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରଦ୍ୟୁମ୍ନ କୁମାର ମିଶ୍ର ପୂଜା ମଣ୍ଡପକୁ ଯାଇ ସନ୍ଧ୍ୟା ଆଳତି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, କାଉନସିଲର ପ୍ରମିଳା ବେହେରା, ସଞ୍ଜୁକ୍ତା ଆଚାର୍ଯ୍ୟ, ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର, କାର୍ତୀକ ମହାକୁଳ, ବରିଷ୍ଠ ଭାଜପା ନେତା ରୋହିତ ଗଙ୍ଗଦେବ ଓ ଭାଜପା ନେତ୍ରୀ ମାଧବୀ ଦେବୀ ଗଣେଶଙ୍କ ଦର୍ଶନ କରିଥିଲେ। ଏହାପରେ ପୌର ପରିଷଦ ଉପାଧ୍ୟକ୍ଷ ଓ କାଉନସିଲରଙ୍କୁ ସାଂସ୍କୃତିକ ମଣ୍ଡପକୁ ପାଛୋଟି ନିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ନବାନ୍ନ ଖାଇଲେ ପରିବାରର ୩୨ ସଦସ୍ୟ

**ପଡିଆବାହାଲ, ୨୦।୯(ରାଧାମୋହନ ଷଡ଼ଙ୍ଗୀ)**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏହା ଏଭଳି ଏକ ପର୍ବ ଯାହା ପରିବାରର ସମସ୍ତ ସଦସ୍ୟଙ୍କ ଏକାଠି କରାଇଥାଏ। ଝୁଝୁମୁରା ବ୍ଲକ କୁକୁଡ଼ାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଶନପୁରୀ ଗ୍ରାମର ନାଏକ ପରିବାର ବହୁ ଦଶନ୍ଧିରୁ ଏକତ୍ରିତ ହୋଇ ନୂଆଁଖାଇ ପାଳନ କରିଆସୁଛନ୍ତି। ସୁଦୂର ବାଙ୍ଗାଲୋର, ଅନୁଗୋଳ, ଭୁବନେଶ୍ୱର, ଦେବଗଡ଼ ଆଦି ଅଞ୍ଚଳରେ ରହୁଥିବା ପରିବାରର ଝିଅପୁଅ ନିଜ କର୍ମସ୍ଥଳୀରୁ ଗୋଟିଏ ଦିନ ପୂର୍ବରୁ ଆସି ଜନ୍ମସ୍ଥଳରେ ପହଞ୍ଚିଥିଲେ। ବୁଧବାର ନୂଆଁଖାଇ ଅବସରରେ ପରିବାରର ବୟୋଜ୍ୟେଷ୍ଠ ବିସିକେଶନ ନାଏକ (୮୯)ଙ୍କ ସମେତ ୩୨ ସଦସ୍ୟ ଏକାଠି ହୋଇ ନବାନ୍ନ ଭକ୍ଷଣ କରିଛନ୍ତି। ଏହାପରେ ସମସ୍ତେ ଗ୍ରାମର ଦେବଦେବୀ ଓ ବୟୋଜ୍ୟେଷ୍ଠଙ୍କ ଘରକୁ ଯାଇ ଆଶୀର୍ବାଦ ଭିକ୍ଷା କରିଥିଲେ।

# ଏକତାର ବାର୍ତ୍ତା ଦେଲେ ୪ ପରିବାର

**ସମ୍ବଲପୁର,୨୦।୯(ଶୁଭାଶିଷ ପାଢ଼ୀ):** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ନାଚ ଗୀତ ଆସର ସହିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୂଆଁ ଖାଇବା ପରେ ମଧ୍ୟାହ୍ନ ୧୨ଟାରୁ ରାତି ପର୍ଯ୍ୟନ୍ତ ସବୁଠି ଆନନ୍ଦ ଉତ୍ସାହ ଦେଖିବାକୁ ମିଳିଥିଲା। ସମ୍ବଲପୁର ମହନଗର ନିଗମ ଅନ୍ତର୍ଗତ ମିର୍ଗାମୁଣ୍ଡା ଗ୍ରାମରେ ନୂଆଁ ଖାଇବା ସହ ଏକତାର ବାର୍ତ୍ତା ଦେଇଛନ୍ତି ୪ ପରିବାର। ଏହିସବୁ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ରୋଷେଇଠାରୁ ଅରମ୍ଭ କରି ସଉଦା କିଣିବା ଓ ପ୍ରସ୍ତୁତିରେ ଲାଗିପଡିଥିଲେ। ନୂଆଁଖାଇ ସକାଳୁ ଘରେ ପୂଜା କରିବା ପରେ ସମସ୍ତେ ଏକାଠି ଜଗନ୍ନାଥଙ୍କ ମନ୍ଦିର ସମ୍ମୁଖରେ ଥିବା ମଣ୍ଡପରେ ନୂଆଁ ଖାଇଥିଲେ। ପରେ ବଡମାନଙ୍କଠାରୁ ସାନମାନେ ଆଶୀର୍ବାଦ ନେଇଥିଲେ। ଗ୍ରାମର ଆଇନଜୀବୀ ଚନ୍ଦ୍ର କୁମାର ପୁରୋହିତ କହିଛନ୍ତି, ବହୁ ବର୍ଷରୁ ଆମେ ଏକାଠି ନୂଆଁ ଖାଇଆସୁଛୁ। ପଣ୍ଡା, ପାଣିଗ୍ରାହୀ, ପୁରୋହିତ, ହୋତା ଭଳି ୪ ପରିବାର ସାମିଲ ହେଇଥାନ୍ତି। ବାହାରେ କାମ କରୁଥିବା ପରିବାର ସଦସ୍ୟମାନେ ଘରକୁ ଫେରିଥାନ୍ତି। ପୂର୍ବରୁ ପ୍ରସ୍ତୁତି କରାଯାଇଥାଏ। ସମସ୍ତଙ୍କ ସହଯୋଗ ରହିଛି।

# ରାମତିଲେଇମାଲରେ ନୂଆଁଖାଇ ଭେଟ୍‌ଘାଟ

**କୁଚିଣ୍ଡା,୨୦।୯(ବିରଞ୍ଚି ଦର୍କା)**

କୁଚିଣ୍ଡା ବ୍ଲକ ପାରୁଭାଡି ପଞ୍ଚାୟତର ରାମତିଲେଇମାଲ ଅର୍ଦ୍ଧନାଗେଶ୍ୱରୀ ପୂଜା କମିଟି ପକ୍ଷରୁ ବୁଧବାର ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗରାଜ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ସମିତିସଭ୍ୟ ଧ୍ରୁବଚରଣ ବେହେରା, ତରୁଣ ପୃଷେଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ଏକ ଭାଇଚାରାର ପର୍ବ ବୋଲି କହିଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଏଥିରେ ପୂଜା କମଟି ସଭାପତି ବାବୁଲ ବେହେରା, ତରଣି ଧାନ, ମନୋଜ ମହାନନ୍ଦିଆ, ରାଜେଶ ଖଡିଆ, ରିଙ୍କୁ ମହାନନ୍ଦିଆ, ତରୁଣ ପେଣ୍ଟେଇ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିବ ନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପତ୍ରାପାଲି ଗ୍ରାମରେ ଜୟ ଜଗନ୍ନାଥ କ୍ଲବ ପକ୍ଷରୁ ଗଣେଶ ପୂଜା ଓ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ବାବୁଲାଲ ପୃଷେଠ, ଜୟକୃଷ୍ଣ ସାହୁ, ଆଦିକନ୍ଦ ପାଣିଗ୍ରାହୀ, ଅନିଲ ପୃଷେଠ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ପରେ ହୋଇଥିବା ଖେଳକୁଦ ପ୍ରତିଯୋଗିତାର କୃତୀ ପିଲାଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଗ୍ରାମବାସୀ ଏକାଠି ହୋଇ ନୂଆ ଖାଇଲେ | ଡଙ୍ଗାପାଲରେ ନିଆରା ନୂଆଁଖାଇ

**ସମ୍ବଲପୁର,୨୦।୯(ଶୁଭାଶିଷ ପାଢ଼ୀ)**

ଝୁଝୁମୁରା ବ୍ଲକ ଡଙ୍ଗାପାଲ ଗ୍ରାମବାସୀ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ନିଆରା ଢଙ୍ଗରେ ପାଳନ କରିଛନ୍ତି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ପରିବାର ଏକାଠି ହୋଇ ନୂଆଁ ଖାଇଛନ୍ତି। ଧାର୍ଯ୍ୟ ସମୟରେ ଗ୍ରାମର ସମସ୍ତ ପରିବାର ଘରେ ଇଷ୍ଟଦେବୀଙ୍କୁ ପୂଜା କରିବା ପରେ ମନ୍ଦିରରେ ପୂଜା କରି ଗାଁ ଦାଣ୍ଡରେ ଏକାଠି ହୋଇଥିଲେ। ପରିବାର ବର୍ଗ ଘର ଭଳି ଗାଁ ଦାଣ୍ଡ ସଫାସୁତୁରା କରିଥିଲେ। ଏହା ପରେ ସାମୂହିକ ଭାବେ ଭାତ, ଡାଲି, ତରକାରୀ, କ୍ଷୀରି, ପିଠା ଭଳି ନାନା ପ୍ରକାର ବ୍ୟଞ୍ଜନ ସହ ନବାନ୍ନ ଖାଇଥିଲେ। ପୂଜକ, ରୋଷେୟାଙ୍କୁ ସହଯୋଗ କରିବାକୁ ଗ୍ରାମର ମହିଳାମାନେ ସକାଳୁ ରୋଷେଇ ଶାଳାରେ ପହଞ୍ଚି ସହଯୋଗ କରିଥିଲେ। ଗ୍ରାମର ପ୍ରତ୍ୟେକ ବର୍ଗର ପରିବାର ନିଜ ସାମର୍ଥ୍ୟ ଅନୁସାରେ ଆର୍ଥିକ ରାଶି ପ୍ରଦାନ କରିଥିଲେ। ଝୁଝୁମୁରା ସମିତି ସଭ୍ୟ ତଥା ଗ୍ରାମବାସୀ ଜୟନ୍ତ ପ୍ରଧାନ କହିଛନ୍ତି, ଡଙ୍ଗାପାଲ ଗ୍ରାମରେ ପୂର୍ବରୁ ଏକତା ରହିଆସିଛି। ଗ୍ରାମରେ ରାହାସ ଯାତ୍ରା ଓ ଅନ୍ୟ ପୂଜାବିଧି ଏକାଠି ପାଳନ କରାଯାଇଥାଏ। ନୂଆଁଖାଇ ପର୍ବ ପରିବାରକୁ ଏକ ସୂତ୍ରରେ ବାନ୍ଧିଥାଏ। ତେଣୁ ଗ୍ରାମକୁ ଗୋଟିଏ ରଜ୍ଜୁରେ ବାନ୍ଧିବାକୁ ଉତ୍ସବ ପରିବାର ପକ୍ଷରୁ ଏହା ଏକ ଛୋଟିଆ ପ୍ରୟାସ। ଗ୍ରାମରେ ପ୍ରାୟ ୧୫୦ ପରିବାର ୭ ଶହରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ବିଭିନ୍ନ ଜାତି ଓ ଧର୍ମର ଲୋକମାନେ ରହୁଛନ୍ତି। ସନ୍ଧ୍ୟାରେ ନାଚଗୀତ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପିଲାମାନଙ୍କୁ ପୁରସ୍କାର ଦିଆଯାଇ ସମ୍ମାନିତ କରାଯାଇଥିଲା।



ଡଙ୍ଗାପାଲ ଗ୍ରାମରେ ଗ୍ରାମବାସୀ ସାମୂହିକ ଭାବେ ନୂଆଁଖାଇ ପାଳନ କରୁଛନ୍ତି।

